ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫ ଅଗଷ୍ଟ ୨୦୧୬ ସଂସ୍କରଣ

## ଓଡ଼ିଆ ଭାଷାର ଉନ୍ନତି ଓ ଆମେ

## ଲୋକସାହିତ୍ୟର ବିକାଶଧାରା

## କାହିଁକି ରା ଗିଲା ସମୁଦ୍ର?

## ମହାନଦୀ - ତଥ୍ୟ ଓ ବିତର୍କ

## ଡାକ୍ତର ଘନଶ୍ୟାମଙ୍କ ଇଜ୍ଜତ



## ରକ୍ଷାବନ୍ଧନ

## ଏକ ଅନନ୍ୟ ପରମ୍ପରା

## ଜନ୍ମଦିନର ଉପହାର

# ମୋ କୁନାର ଝିଅ ହେବ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଓଡ଼ିଆ ପରିବାର

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

MBBS, PGDMCH, PGDHM

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର - ୭୬୦୦୧୦, ଓଡ଼ିଶା

ଦୂରଭାଷ : ୯୮୬୧୯୬୨୧୬୦ / ୯୦୪୦୯୮୫୪୬୩ ଇମେଲ୍ - aahwaan@gmail.com

ଆହ୍ୱାନ ଓଡ଼ିଆ ପରିବାର ତରଫରୁ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ **www.aahwaan.com**

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କର ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇ ପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରନେଟ୍ / ଫେସବୁକ୍ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର୍ ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେନାହିଁ ।

ବିଲୁପ୍ତପ୍ରାୟ ବିରଳ ଇଜିପ୍‌ସିଆନ୍ ଶାଗୁଣାର ଛବି ପ୍ରଚ୍ଛଦରେ ଦିଆଯାଇଛି । ସୂଚନାଯୋଗ୍ୟ, ଏହି ପ୍ରଜାତିର ଶାଗୁଣାଙ୍କ ସଂଖ୍ୟା ସମଗ୍ର ବିଶ୍ୱରେ ବିଲୁପ୍ତ ହେବାର ଅବସ୍ଥାରେ ଆସି ପହଞ୍ଚି ସାରିଛି । କିନ୍ତୁ ଖୁସିର ବିଷୟ ଏହି ପ୍ରଜାତିର ଶାଗୁଣାମାନେ ଗଞ୍ଜାମ ଜିଲ୍ଲାରେ ଅନେକ ଅଞ୍ଚଳରେ କେବଳ ଦେଖାଯାଉନାହାନ୍ତି ବରଂ ବଂଶ ବିସ୍ତାର ମଧ୍ୟ କରୁଛନ୍ତି । ଏହି ଶାଗୁଣାର ଛବି ବ୍ରହ୍ମପୁର ନିକଟସ୍ଥ ଗୋଳନ୍ଥରା ଅଞ୍ଚଳରେ ନିଆଯାଇଛି ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପବିତ୍ର ଶ୍ରାବଣ ମାସ । ରାଜ୍ୟର ସମସ୍ତ ପୁରପଲ୍ଲୀରେ ପଲପଲ କାଉଡ଼ିଆ ଭକ୍ତଙ୍କର ଲମ୍ବା ଧାଡ଼ି, ଆଉ ଘରୁ ବାହାରିଲେ ବର୍ଷା ଝଡ଼ି, କର୍ଦ୍ଦମାକ୍ତ ବାଟଘାଟ । ବିଲରେ ଧାନ ଚାଷରେ ବ୍ୟସ୍ତ ଚାଷୀକୂଳ । ଏହିପରି ଏକ ସବୁଜିମାଭରା ସମୟରେ ଆହ୍ୱାନର ଏକ ନୂତନ ସଂସ୍କରଣ ନେଇ ଉପସ୍ଥିତ ହେଉଛି ମୁଁ । ଅବଶ୍ୟ ଅନେକ ଦିନ ବିଳମ୍ବରେ ଏହାର ପ୍ରକାଶନ ହେଉଛି । ଯେମିତି ମୁଁ ଆଗରୁ ଜଣାଇ ସାରିଛି, ଦିନକୁ ଦିନ କର୍ମବ୍ୟସ୍ତତା ବୃଦ୍ଧିପାଇବାରେ ଲାଗିଛି, ଏହା ସହ ପତ୍ରିକା ପ୍ରକାଶନ ହେତୁ ଆବଶ୍ୟକ ସମୟ ଏବଂ ସାମର୍ଥ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ପାଉଛି । ତେଣୁ ସାମାନ୍ୟ ବିଳମ୍ବ ହେଇ ଯାଉଛି । କିନ୍ତୁ ପତ୍ରିକା ଯେ ଅନବରତ ପ୍ରକାଶିତ ହେବ ଏହା ଧାର୍ଯ୍ୟ, ତେଣୁ ପ୍ରତ୍ୟେକ ମାସରେ ବିନା କୌଣସି ଅସୁବିଧାରେ ପ୍ରକାଶିତ ହେଉଛି ଆଉ ହେଉଥିବ ମଧ୍ୟ ।

ଚଳିତ ମାସ ଷୋହଳ ତାରିଖରୁ ଓଡ଼ିଶାର ସମସ୍ତ ସରକାରୀ କାମ ଓଡ଼ିଆରେ ହିଁ ହେବ ବୋଲି ସରକାର ଘୋଷଣା କରିଛନ୍ତି । ୧୯୫୨ ମସିହାରୁ ହେଉଥିବା ଦାବୀ ହୁଏତ ଏବେ ପ୍ରଚଳିତ ହୋଇଛି ବୋଲି ଅନେକ ମତ ଦେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ ଭାବରେ । ଓଡ଼ିଆ ଆମ ରାଜ୍ୟର ଭାଷା ହୋଇଥିବା ସତ୍ତ୍ୱେ ସମସ୍ତ ସରକାରୀ କାମ କେବଳ ଇଂରେଜୀରେ ହେଉଥିଲା, ଯାହା ଫଳରେ ସାଧାରଣ ଜନତା ବେଳେ ବେଳେ ସରକାରୀ କାମକୁ ସଠିକ୍ ଭାବରେ ବୁଝିପାରୁନଥିଲେ । ଏବେ କିନ୍ତୁ ଓଡ଼ିଆରେ ସବୁ କାମ ହେଲେ ସମସ୍ତେ

ସହଜରେ ବୁଝିପାରିବେ । କିନ୍ତୁ ଏହି ପଦକ୍ଷେପ ମଧ୍ୟ ଲୋକ ଦେଖାଣିଆ ବୋଲି ଜଣାଇ ସାରିଲେଣି ଓଡ଼ିଆ ଭାଷା ଆନ୍ଦୋଳନରେ ସଂପୃକ୍ତ ଅନେକ ବରେଣ୍ୟ ବ୍ୟକ୍ତିତ୍ୱ । ସେମାନଙ୍କ ମତରେ ଏହା ଆଗାମୀ ବର୍ଷର ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସରକାର ଜନତାଙ୍କ ସମବେଦନା ପାଇବା ଆଶାରେ ନେଇଥିବା ଏକ ଘୋଷଣା ମାତ୍ର । ଏଥିରେ ନିୟମ ଖିଲାପୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ପ୍ରକାରର ଦଣ୍ଡବିଧାନ କରାଯାଇନାହିଁ । ତେଣୁ ଏହା କେତେ ଜଣ ସତରେ କଡ଼ାକଡ଼ି ଭାବରେ ମାନିବେ ତାହା ଦେଖିବାକୁ ରହିଲା । ସେ ଯା ହେଉ ଅନ୍ତତଃ ସରକାର ଓଡ଼ିଆରେ କାମ ହେବ ବୋଲି କହିଲେ ତ । ଯଦି ନ ହୁଏ ତେବେ ଆମେ ପୁଣି ଥରେ ଆନ୍ଦୋଳନ କରିବା ଏଥିରେ ସନ୍ଦେହ ନାହିଁ ।

ଆମ ଗଣତନ୍ତ୍ରର ସ୍ୱାଧୀନତା ଦିବସ ଏଇ ଦୁଇ ଦିନଦିନ ତଳେ ପାଳିତ ହୋଇଛି । ଦେଶର ଅବସ୍ଥା ପୂର୍ବପରି ସ୍ଥିର ରହିଛି, ଅବଶ୍ୟ ସରକାର ଏବଂ ବିରୋଧୀଙ୍କ ଭିତରେ ଛକାପଞ୍ଝା ସବୁଦିନଭଳି ଚାଲୁରହିଛି । ଜମ୍ମୁକଶ୍ମୀରରେ ଶୋଚନୀୟ ଅବସ୍ଥା ଦେଶକୁ ଅସ୍ଥିର କରିବାପାଇଁ ବିଦେଶୀ ଶକ୍ତିମାନଙ୍କର ପ୍ରଚ୍ଛନ୍ନ ହାତ ସ୍ପଷ୍ଟ ଜଣାପଡୁଥିଲେ ସୁଦ୍ଧା ରାଜନୈତିକ ଇଚ୍ଛାଶକ୍ତିର ଅଭାବରେ ଆମେ କେବଳ ନିରବଦ୍ରଷ୍ଟା ହୋଇ ରହିଯାଉଛେ । ଅବସ୍ଥା ଏମିତି ହେଲାଣି, ଯେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ ହୁଏତ ଭବିଷ୍ୟତରେ ଏହା ଆହୁରି କଦର୍ଯ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ଆମ ମାନନୀୟ ପ୍ରଧାନମନ୍ତ୍ରୀ ଅନେକ ବିଦେଶ ଯାତ୍ରା କରି ଭାରତ ସପକ୍ଷରେ ଜନମତ ସଂଗ୍ରହ କରିଚାଲିଛନ୍ତି ସତ ହେଲେ ଆମ ପଡ଼ୋଶୀ ରାଷ୍ଟ୍ର ଆମ ଦେଶର ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ପଛାଉନାହିଁ । ଦୁର୍ଭାଗ୍ୟର ବିଷୟ, ଆମ ଦେଶରେ ଆତଙ୍କ ସୃଷ୍ଟି କରିବାପାଇଁ ଅନଧିକୃତ ପ୍ରବେଶ କରିଥିବା ବ୍ୟକ୍ତିକୁ ପାକିସ୍ତାନ ଶହିଦ୍ ବୋଲି ଘୋଷଣା କରି ଦେଶରେ ଦିନଟିଏ ଘୋଷଣା କରିବା ଅତି କୁତ୍ସିତ ପଦକ୍ଷେପ ବୋଲି ପ୍ରମାଣ କରୁଛି । ଦକ୍ଷିଣ ଏସୀୟ ରାଷ୍ଟ୍ର ଗୋଷ୍ଠୀ (ସାର୍କ)ର ଗୃହମନ୍ତ୍ରୀ ମାନଙ୍କ ସମ୍ମିଳନୀରେ ଭାରତୀୟ ଗୃହମନ୍ତ୍ରୀଙ୍କୁ ଅପମାନିତ କରିବାକୁ ମଧ୍ୟ ପଛାଇନାହିଁ ପାକିସ୍ତାନ ।

ପୁଣିଥରେ ବିଦେଶ ସଚିବସ୍ତରୀୟ ବାର୍ତ୍ତାଳାପ ପାଇଁ ପାକିସ୍ତାନ ଦେଇଥିବା ପ୍ରସ୍ତାବର ସଠିକ୍ ଜବାବ ବର୍ତ୍ତମାନ ସରକାର ଦେଇଛନ୍ତି । ବାର୍ତ୍ତାଳାପ ତ ହେବ ନିଶ୍ଚୟ କିନ୍ତୁ କାଶ୍ମୀର ବାବଦରେ ନୁହେଁ, ବରଂ ଆତଙ୍କବାଦ ବାବଦରେ ହେବ, ପାକ୍ ଅଧିକୃତ କାଶ୍ମୀରର ସ୍ୱାଧୀନତା ବାବଦରେ ହେବ ବୋଲି ରୋକଠୋକ୍ ଜଣାଇଦେଇଛନ୍ତି ଆମ ସରକାର । ଭାରତୀୟ ସରକାରଙ୍କ ଏମିତିକା ରୋକଠୋକ ମନ୍ତବ୍ୟ ସହଜରେ ଗ୍ରହଣ କରି ପାରିନାହିଁ ପାକିସ୍ତାନ । ସର୍ବଦା କୋହଳ ମନୋଭାବ ପରିପୋଷଣ କରି ଆସୁଥିବା ଭାରତ ହଠାତ୍ ଏମିତି ଆକ୍ରାମକ ପ୍ରତିକ୍ରିୟା କେମିତି ଦେଇପାରେ ? ତେଣେ ପାକିସ୍ତାନ ଅଧିକୃତ କାଶ୍ମୀର, ବେଲୁଚିସ୍ତାନ୍ ଆଦି ଅଞ୍ଚଳର ଜନସାଧାରଣ ସ୍ୱାଧୀନତା ପାଇଁ ରଣହୁଙ୍କାରେ ଦେଲେଣି । ନିଜ ଘରର ପରିସ୍ଥିତି ଅସମ୍ଭାଳ ହେଉଥିବା ବେଳେ ପଡ଼ୋଶୀ ଘରକୁ ସୁଧାରିବାକୁ ବାହାରିଥିବା ପାକିସ୍ତାନ କିଛି ତ ଶିକ୍ଷା ପାଇବ ବୋଲି ଆଶା ।

ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ଉତ୍ସବ ଅଲିମ୍ପିକ ଚଳିତ

ବର୍ଷ ବ୍ରାଜିଲର ରିଓଠାରେ ଅନୁଷ୍ଠିତ ହେଉଛି । ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଭାରତରୁ ଅନେକ ଖେଳାଳୀ ଅଂଶ ଗ୍ରହଣ କରୁଛନ୍ତି । ଦୁର୍ଭାଗ୍ୟର ବିଷୟ ଖେଳ ଆରମ୍ଭ ହେବାର ଦୁଇ ସପ୍ତାହ ଭିତରେ ଭାରତ ଗୋଟିଏ ବି ପଦକ ପାଇ ପାରିନାହିଁ । ଆଜି ରକ୍ଷାବନ୍ଧନ ଦିନ ସକାଳୁ ସକାଳୁ ଆମକୁ ମିଳିଥିବା ଏକ ଆନନ୍ଦର ସମ୍ବାଦ, ଭାରତୀୟ ମହିଳା କୁସ୍ତିଯୋଦ୍ଧା ସାକ୍ଷୀ ମଲିକ୍ ୫୮ କିଗ୍ରା ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି ଆଉ ଏହି ସମ୍ପାଦକୀୟ ଲେଖିବା ସମୟରେ ଭାରତୀୟ ବ୍ୟାଡ଼ମିଣ୍ଟନ୍ ଖେଳାଳୀ ପିଭି ସିନ୍ଧୁ ଅଲମ୍ପିକର ସିଙ୍ଗଲସ୍ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏବଂ ସେ ଉଚ୍ଚକୋଟୀର କ୍ରୀଡ଼ା ନୈପୁଣ୍ୟର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି । ଖେଳର ଦ୍ୱାଦଶ ଦିବସରେ ଦୁଇ ଦୁଇଜଣ ମହିଳା ଖେଳାଳୀ ପଦକ ଜିତିବା ଆମ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ । ରାକ୍ଷୀ ପରି ଦିନରେ ଦେଶର ଦୁଇ ସୁଯୋଗ୍ୟା ସନ୍ତାନ ଦେଶ ପାଇଁ ସମ୍ମାନ ଆଣିଦେଇଛନ୍ତି । ଏବଂ ସଦ୍ୟପ୍ରାପ୍ତ ସମ୍ବାଦ ଅନୁଯାୟୀ ଆଉ ଜଣେ ମହିଳା କ୍ରୀଡ଼ାବିତ୍ ଗଲ୍ଫ ଖେଳର ଫାଇନାଲ୍ ସ୍ତରରେ ପହଞ୍ଚିଛନ୍ତି । ଏହାକୁ ଦେଖି ଆମ ସରକାର ବେଟି ବଚାଓ, ବେଟି ପଢ଼ାଓ ସମେତ ବେଟି ଖେଳାଓ ବୋଲି ସ୍ଲୋଗାନ୍ ଦେଇଛନ୍ତି । ଆଗାମୀ ଦିନରେ ଆହୁରି ଅଧିକ ପଦକ ଜିତିବାର ସମ୍ଭାବନା ରହିଛି । ସେଇଥିପାଇଁ ସମସ୍ତ ଖେଳାଳୀ ମାନଙ୍କୁ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ପ୍ରଗତିର ଏକ ଅନନ୍ୟ ଅଙ୍ଗ ମହାନଦୀକୁ ନେଇ ଓଡ଼ିଶା ଏବଂ ଛତିଶଗଡ୍ ସରକାରଙ୍କ ମଧ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ସୂଚନା ମୁତାବକ ଛତିଶଗଡ଼ ସରକାର ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କରି ନଦୀର ଅଧିକାଂଶ ଜଳକୁ ନିଜ ରାଜ୍ୟରେ ଜଳସେଚନ ପାଇଁ ବ୍ୟବହାର କରିବାକୁ ଚାହାନ୍ତି । ଏହା ବିରୋଧରେ ସମସ୍ତ ଓଡ଼ିଆ ଜାତି ଏକତ୍ରିତ ହୋଇ ଆନ୍ଦୋଳନ କରିବା ଉଚିତ ହେବ ବୋଲି ଅନୁଭବ କରି କଂଗ୍ରେସ ଦଳତରଫରୁ ଚଳିତ ମାସର ୧୬ ତାରିଖରେ ଓଡ଼ିଶା ବନ୍ଦ ଆନ୍ଦୋଳନ ଆହ୍ୱାନ ଦିଆଯାଇଥିଲି ।

ଓଡ଼ିଶା ଉପକୂଳରେ ଦିନକୁ ଦିନ ପରିବର୍ତ୍ତନଶୀଳ ପାଣିପାଗ ଏବଂ ଏଥିରୁ ପ୍ରକାଶିତ ଲଘୁଚାପ ଓ ବର୍ଷା ହେତୁ ରାଜ୍ୟରେ ଅନେକ ଜିଲ୍ଲାରେ ବନ୍ୟାପରି ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି । ତେଣୁ ସେ ସବୁପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଏହି ସମୟରେ ଆହ୍ୱାନର ଚଳିତ ମାସର ସଂସ୍କରଣ ଉପସ୍ଥାପିତ କରୁଛି, ଆଉ ଆଶା କରୁଛି ଏହା ସମସ୍ତଙ୍କୁ ଭଲ ଲାଗିବ ।

ଧନ୍ୟବାଦ

# ଏହି ସଂସ୍କରଣରେ ରହିଛି


ସମ୍ପାଦକୀୟ ୪

ସମ୍ପାଦକଙ୍କୁ ପତ୍ର ୯

ରକ୍ଷା ବନ୍ଧନ - ଏକ ଅନନ୍ୟ ପରମ୍ପରା ୧୧

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

ଜନ୍ମଦିନର ଉପହାର ୧୮

*ସୁଶ୍ରୀ ଜୟଶ୍ରୀ ଜେନା*

ବିପଦରେ ଗଞ୍ଜାମର ଲୁଣଚାଷୀ ୨୧

*ପୂର୍ଣ୍ଣ ଚନ୍ଦ୍ର ପଣ୍ଡା*

ଓଡ଼ିଆ ଭାଷାର ଉନ୍ନତି ଓ ଆମେ ୨୩

*ଅଧ୍ୟାପକ ସୁଶାନ୍ତ କୁମାର ପୁରୋହିତ*

ଲୋକସାହିତ୍ୟର ବିକାଶଧାରା ୨୬

*ଗବେଷିକା ରଞ୍ଜିତା ପାତ୍ର*

ବାସ୍ତବତା ୩୦

*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ନିଷ୍ଠୁର ୩୨

*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ଶ୍ରୀକାକୁଲମର କୁର୍ମନାଥସ୍ୱାମୀ ମନ୍ଦିର ୩୪

*ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ*

ବରଷା ପରଶେ ୩୯

*ମୁନ୍ନା ମହାପାତ୍ର*

ବନ୍ଧୁ ୪୧

*ମାଧବ ଚନ୍ଦ୍ର ଜେନା*

ଭାରତ ସ୍ୱତନ୍ତ୍ର ଦିବସ ୪୨

*ଶ୍ରୀ ହିମାଂଶୁଶେଖର ବାରିକ୍*

ସେନେହ ଶରଧା ଆପେ ପାଇବୁ ୪୪

*ଶିଶିର କୁମାର ପଣ୍ଡା*

କାହିଁକି ରାଗିଲ୍ ସମୁଦ୍ର ? ୪୫

*ଡ: କୁଳାଙ୍ଗାର*

ଏଇତ ଦୁନିଆ ୪୭

*ଲୀନା ମହାନ୍ତି*

ସୁଯୋଗ୍ୟ ସନ୍ତାନ ୪୮

*ଅନାମ ଚରଣ ସାହୁ*

ଶିବ ଓ ଶ୍ରାବଣ ୪୯

*ଅନାମ ଚରଣ ସାହୁ*

ମହାନଦୀ - ତଥ୍ୟ ଓ ବିତର୍କ ୫୦

*ଅଧ୍ୟାପକ ସୁଶାନ୍ତ କୁମାର ପୁରୋହିତ*

ନିଜ ହାତମୁଠାରେ ନାହିଁ ଜୀବନ ୫୩

*ବରୁଣ କୁମାର ଦାସ*

କାମ କବିତା ୫୪

*ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦୁଲି*

ଡାକ୍ତର ଘନଶ୍ୟାମଙ୍କ ଇଜ୍ଜତ ୫୬

*ଡା ସୌମ୍ୟରଞ୍ଜନ ମିଶ୍ର*

ନିଜ ସହ ରୋମାନ୍ସ ୫୮

*ଭାଗିରଥୀ ବେହେରା*

ମୋ ପ୍ରିୟା ୬୦

*ବିନୟ ମହାପାତ୍ର*

ଭସ୍ମାସୁର ୬୨

*ବିନୟ ମହାପାତ୍ର*

ଆଜିର ଉତ୍କଳ ୬୪

*ମୋହନ ଚନ୍ଦ୍ର ବିଷୋୟୀ*

କର୍ମଫଳ ୬୬

*ମୋହନ ଚନ୍ଦ୍ର ବିଷୋୟୀ*

ଭାରତ ମାତା ୭୧

*ଜ୍ୟୋତିର୍ମୟୀ ଷଡ଼ଙ୍ଗୀ*

ଧାରା ଶ୍ରାବଣ ୭୨

*ଦୀପକ ଷଡ଼ଙ୍ଗୀ*

ମୋ କୁନାର ଝିଅ ହେବ ୭୩

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

# ସମ୍ପାଦକଙ୍କୁ ପତ୍ର



ମହାଶୟ,

ପ୍ରଣାମ ପ୍ରଥମେ । 'ଆହ୍ୱାନ' ପରିବାରର ସଭିଙ୍କୁ ଯଥାଯୋଗ୍ୟ ସମ୍ମାନ ଓ ସାଧୁବାଦ ।

'ଆହ୍ୱାନ' ମରଣ ମୁହଁରୁ ବଞ୍ଚାଇପାରିଛି ଅନେକ ସାରସ୍ୱତ ଚେତନାକୁ ଲେଖା ପ୍ରକାଶର ସୁଯୋଗ ଦେଇ, ବଞ୍ଚିଯାଇଛି ଶବ୍ଦସବୁ ହଜିଯିବା ପୂର୍ବରୁ । ଏହି ସାଧୁ ପ୍ରୟାସ ପାଇଁ ଧନ୍ୟବାଦ ।

'ଜୁଲାଇ' ସଂସ୍କରଣରେ ସାମୟିକ ସମସ୍ୟା ସହ ପତ୍ରିକା ସଂପାଦନ ଏବଂ ଏକକ ପ୍ରୟାସ ନେଇ ନିଆରା ସଂଯୋଜନ ସଂପାଦକୀୟ ।

କବିତା ସବୁ ଭିନ୍ନ ସ୍ୱାଦର । ଛନ୍ଦ, କଥା, ଶବ୍ଦ ସଂଯୋଜନା, ପ୍ରକାଶଭଂଗୀ ସ୍ୱତନ୍ତ୍ର, ସୁନ୍ଦର ଓ ସୁମଧୁର । ହିନ୍ଦୀ କବିତା 'ଫୁଲ୍ କି ଗୁହ୍'ର ଓଡ଼ିଆ ରୂପାନ୍ତର ଭଲ ଲାଗିଛି ।

କମଳକାନ୍ତ ସୁବୁଦ୍ଧିଙ୍କ ଅଣୁଗଳ୍ପ 'ମା କାନିର ମହକ' ମନକୁ ମା' ପଣତକାନିର ସ୍ପର୍ଶ ଦେଇଛି । ସୁନ୍ଦର କଥା କହିପାରିଥିବା କଥାକାର ମୁନା ମହାପାତ୍ରଙ୍କ ଗଳ୍ପ 'ଅଭୁଲା ଅତୀତ, ଭବ୍ୟ ବର୍ତ୍ତମାନ' ବେଶ୍ ସୁଖପାଠ୍ୟ ।

'ଅନନ୍ୟ ଓଡ଼ିଆ ଶମୀମ' ଏବଂ 'ମଞ୍ଜୁଷାର ବାସୁଦେବ ମନ୍ଦିର' ଉପାଦେୟ ଲେଖା । ସମ୍ପାଦକଙ୍କ ଓଡ଼ିଆ ରୂପାନ୍ତର ସୁନ୍ଦର । ସୁଶାନ୍ତ ପୁରୋହିତଙ୍କ ତଥ୍ୟପୂର୍ଣ୍ଣ ଲେଖା, 'ହୁମାର ପ୍ରସିଦ୍ଧ ବକ୍ର ମନ୍ଦିର' । ଫେଭିକଲ୍

ଅଠାରେ ପାଠକ ମନକୁ ଯୋଡ଼ି ପାରିଲାର ଗଳ୍ପ 'ପ୍ରେମ, ବର୍ଷା ଓ ଫେଭିକଲ୍' ।

କନ୍ୟା ଭ୍ରୁଣହତ୍ୟାର ଆଗତ ଚରମ ପରିଣତିର ଆଗାମୀ ଇଂଗୀତ 'ମୋ କୁନା ବାହା ହୋଇଛି' ଶୀର୍ଷକ ଗଳ୍ପ । ସାମାଜିକ ବ୍ୟାଧିର ନିରାମୟ ପାଇଁ ଏଇ ଗଳ୍ପ ଏକ ପ୍ରେସ୍କ୍ରିପସନ୍ ଡାକ୍ତର କଥାକାର ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ।

ପ୍ରତି ସଂଖ୍ୟାରେ ପ୍ରକାଶିତ ଲେଖକ/ଲେଖିକାଙ୍କ ପରିଚୟ ଶେଷରେ ଦେଇପାରିଲେ ଶ୍ରୀବୃଦ୍ଧି ହୋଇପାରନ୍ତା । ଭାବି ଦେଖିବେ ।

ଧନ୍ୟବାଦ ସହ

ଇତି

ବରୁଣ କୁମାର ଦାସ

ଜୟ ଜଗନ୍ନାଥ

ନମସ୍କାର

ଓଡ଼ିଆ ଭାଷା ସାହିତ୍ୟ ପାଇଁ ଆପଣଙ୍କ ଉଦ୍ୟମ ପ୍ରଶଂସନୀୟ । ଇ-ମ୍ୟାଗାଜିନ୍ ପ୍ରକାଶିତ କରିବା ସଂଗେ ସଂଗେ ଓଡ଼ିଆ ସାହିତ୍ୟର ଏହି ଅଭାବଟିକୁ ପୂରଣ କରିଛନ୍ତି । ଆଶାକରେ ଆପଣଙ୍କ ଏହି ପ୍ରୟାସ ଲୋକପ୍ରିୟତାର ଶୀର୍ଷରେ ରହୁ ।

ଗବେଷିକା ରଞ୍ଜିତା ପାତ୍ର

ଶାନ୍ତି ନିକେତନ

# ରକ୍ଷା ବନ୍ଧନ : ଏକ ପର୍ବ ନା ଏକ ପରମ୍ପରା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ରକ୍ଷା ବନ୍ଧନ ବା ରାକ୍ଷୀ ପୂର୍ଣ୍ଣିମା ବା କେବଳ ରାକ୍ଷୀ, ଭାରତରେ ବହୁଳ ଭାବରେ ପାଳନ କରାଯାଉଥିବା ଏକ ପର୍ବ । ଯଦିଓ ଏହା ହିନ୍ଦୁଧର୍ମାବଲମ୍ବୀ ମାନେ ପାଳନ କରନ୍ତି କିନ୍ତୁ କାଳକ୍ରମେ ଏହା ଅନ୍ୟ ଧର୍ମର ଲୋକମାନେ ମଧ୍ୟ ପାଳନ କରିବା ଦେଖାଯାଉଛି । ଏହା ଏକ ସାମୁହିକ ପର୍ବ ବା ଉତ୍ସବରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ନେପାଳରେ ଏହି ପର୍ବକୁ ଜନୈ ପୂର୍ଣ୍ଣିମା ଭାବରେ ମଧ୍ୟ ପାଳନ କରାଯାଏ ।

ଏହା ଏକ ହିନ୍ଦୁପର୍ବ ଏବଂ ଏହା ଜାତିଧର୍ମ ନିର୍ବିଶେଷରେ ସମସ୍ତେ ପାଳନ କରନ୍ତି ଏବଂ ଏହା ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ବନ୍ଧନକୁ ସୁଦୃଢ଼ କରିଥାଏ । ରକ୍ତ ସମ୍ପର୍କୀୟ ନ ହେଲେ ସୁଦ୍ଧା ପରସ୍ପରକୁ ରାକ୍ଷୀ ବାନ୍ଧି ସ୍ନେହକୁ ଜଣାଇବାର ଏହା ଏକ ଅନନ୍ୟ ପରମ୍ପରା ଯାହା ଭାରତୀୟ ଉପଦ୍ୱୀପରେ ଦେଖାଯାଏ, ସମ୍ପ୍ରତି ବିଶ୍ୱର ଅନେକ ଦେଶରେ ଭାରତୀୟମାନେ ଏହି ପର୍ବକୁ ପ୍ରସାର କରିବାରେ ସାହାଯ୍ୟ କରୁଛନ୍ତି ।

ଜୈନ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ ଏକ ପ୍ରମୁଖ ପର୍ବ ଭାବରେ ପାଳନ କରନ୍ତି । ଜୈନ ବିଶ୍ୱାସୀମାନେ ଅନ୍ୟମାନଙ୍କୁ ପବିତ୍ର ସୂତା ପ୍ରଦାନ କରି ଏହାକୁ ପାଳନ କରନ୍ତି ।

ପଶ୍ଚିମବଙ୍ଗ ଏବଂ ପଞ୍ଜାବ ରାଜ୍ୟରେ ଏହି ସମୟରେ ଅନେକ ମେଳା ମଉଚ୍ଛବ ପାଳନ କରାଯାଇଥାଏ ।

ରକ୍ଷା ବନ୍ଧନ ଦିନ ଭଉଣୀମାନେ ନିଜ ଭାଇଙ୍କ ହାତରେ ଏକ ପବିତ୍ର ଦଉଡ଼ି (ରାକ୍ଷୀ) ବାନ୍ଧିଥାନ୍ତି । ଏହା ଭଉଣୀମାନଙ୍କର ସେମାନଙ୍କ ଭାଇଙ୍କ ପାଇଁ ସ୍ନେହ ଓ ସୁଖ ସମୃଦ୍ଧିର କାମନାର ନିଦର୍ଶନ ହୁଏ ଏବଂ ଏହା ପରେ ଭାଇମାନେ ଆଜୀବନ ଭଉଣୀଙ୍କୁ ସ୍ନେହ ଦେବା ସହ ସବୁ ସମୟରେ ସୁରକ୍ଷାର ପ୍ରତିବଦ୍ଧତା କରିଥାଏ । ଶ୍ରାବଣମାସର ପୂର୍ଣ୍ଣିମାରେ ଏହି ପର୍ବ ପାଳନ ହୁଏ ।

ଏକ ପାରମ୍ପରିକ ଉତ୍ସବ ଭାବରେ ରକ୍ଷା ବନ୍ଧନରେ ରାକ୍ଷୀବାନ୍ଧିବା ପୂର୍ବରୁ ଥାଳିରେ ସିନ୍ଦୁର, ଆଳତୀ ଆଦି ନେଇ ଭାଇଙ୍କୁ ବନ୍ଦାଣ କରିଯାଏ ଏବଂ ଭାଇଙ୍କ ଦୀର୍ଘ ଓ ନିରୋଗ ଜୀବନର କାମନା କରିଯାଏ । ଏହାପରେ ଭାଇଙ୍କ ମଥାରେ ସିନ୍ଦୁର ଲଗାଇବା ପରେ ହାତରେ ରାକ୍ଷୀ ବାନ୍ଧିଦିଆଯାଏ । ଏହି ସ୍ନେହ ଓ ପ୍ରାର୍ଥନାର ପ୍ରତିଦାନ ସ୍ୱରୂପ ଭାଇମାନେ ଭଉଣୀମାନଙ୍କୁ କିଛି କିଛି ଉପହାର ଦେବାର ଦେଖାଯାଏ ।

## *ରକ୍ଷା ବନ୍ଧନର ମହତ୍ତ୍ୱ*

ରକ୍ଷା ବନ୍ଧନର ଆକ୍ଷରିକ ଅର୍ଥ ହେଉଛି 'ସୁରକ୍ଷାପାଇଁ ବନ୍ଧା ଯାଉଥିବା ଦଉଡ଼ି' । ରକ୍ଷା ଅର୍ଥ ସୁରକ୍ଷା ବା ନିରାପଦ ରହିବା, ଆଉ ବନ୍ଧନର ଅର୍ଥ ହେଉଛି ବାନ୍ଧିବା । ଏହା ଏକ ପାରମ୍ପରିକ ହିନ୍ଦୁ ଉତ୍ସବ ଯାହା ଭାଇଭଉଣୀଙ୍କ ସ୍ନେହ ଓ ଭଉଣୀର ସୁରକ୍ଷା ପାଇଁ ଭାଇର ପ୍ରତିବଦ୍ଧତାକୁ ଦର୍ଶାଏ । ଏହି ପ୍ରକାରର ପାରମ୍ପରିକ ଉତ୍ସବ ଦ୍ୱାରା ପାରିବାରିକ ସମ୍ପର୍କ ସୁଦୃଢ଼ ହୋଇଥାଏ ।

କେବଳ ରକ୍ତ ସମ୍ପର୍କୀୟ ନୁହେଁ, ବରଂ ପରସ୍ପରକୁ ଭାଇଭଉଣୀ ବୋଲି ମାନୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ପର୍ବକୁ ପାଳନ କରିଥାନ୍ତି । ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏହି ପର୍ବ ଏକ ରଜ୍ଜୁରେ ବାନ୍ଧିରଖିବାର ସକ୍ଷମ ହୋଇଥାଏ । ପ୍ରତିବର୍ଷ ଅଗଷ୍ଟ ମାସରେ ଏହି ପର୍ବ ପାଳନ ହୋଇଥାଏ ।

## *ରକ୍ଷା ବନ୍ଧନ କେମିତି ପାଳନ ହୁଏ ?*

ରାକ୍ଷୀ ପୂର୍ଣ୍ଣିମା ପାଳନର ପୂର୍ବରୁ ଝିଅମାନେ ରାକ୍ଷୀ ତିଆରି କରନ୍ତି କିମ୍ବା ବଜାରରେ ମିଳୁଥିବା ଅନେକ ପ୍ରକାରର ରାକ୍ଷୀ କିଣି ଆଣନ୍ତି । ରାକ୍ଷୀ କେବଳ ଗୋଟିଏ ସୂତା ହୋଇପାରେ କିମ୍ବା ସୁସଜ୍ଜିତ ହୋଇ ଅନେକ ଧାତୁରେ ତିଆରି ହୋଇପାରେ । ଆଜିକାଲି ଅନେକ ପ୍ରକାରର ରାକ୍ଷୀ କିଣିବାକୁ ମିଳୁଛି । କିଛି ରାକ୍ଷୀରେ ସୁନ୍ଦର ଛବି ଥିବା ବେଳେ କିଛିରେ କାର୍ଟୁନ ଛବି ଥାଏ । ଆଉ ବେଳେ ବେଳେ ରାକ୍ଷୀଟି ଗୋଟିଏ ହାତଘଣ୍ଟା ହୋଇଥାଏ । ଅଧିକ ଦାମ ଦେଲେ ସୁନା ଓ ରୂପାରେ ନିର୍ମିତ ରାକ୍ଷୀମଧ୍ୟ ମିଳିଥାଏ ।

ଭଉଣୀମାନଙ୍କ ପରି ଭାଇମାନେ ମଧ୍ୟ ଏହି ପର୍ବ ପାଇଁ ପୂର୍ବପ୍ରସ୍ତୁତି କରିଥାନ୍ତି । ଭଉଣୀଙ୍କ ପାଇଁ ମିଠା, ଚକୋଲେଟ୍ ଆଦି କିଣନ୍ତି ଆଉ କିଛି ଅଧିକ ଖର୍ଚ୍ଚ କରି ପୋଷାକ କିମ୍ବା ଗହଣା ମଧ୍ୟ କିଣିଥାନ୍ତି ।

ଯେଉଁଠି ଭାଇଭଉଣୀ ଦୂରରେ ରହନ୍ତି ସେଠି ରକ୍ଷା ବନ୍ଧନର ବହୁ ପୂର୍ବରୁ ରାକ୍ଷୀକୁ ଡାକ ଦ୍ୱାରା ପ୍ରେରଣ କରିଯାଇଥାଏ । ଏହା ସହ ଅନେକ ଶୁଭେଚ୍ଛା ପତ୍ର ଓ ମିଠା ମଧ୍ୟ ପଠାନ୍ତି । ଆଧୁନିକ ଯୁଗରେ ଇ-ସପିଂ ହେଉଥିବା ବେଳେ ଅନଲାଇନ୍ ରାକ୍ଷୀ କିଣିବା ସମ୍ଭବ । ରକ୍ଷାବନ୍ଧନ ସମୟରେ କିଛି ଭଉଣୀ ଭାଇର ଦୀର୍ଘ ଜୀବନ କାମନା କରି ପ୍ରାର୍ଥନା କରନ୍ତି । ଏହିପ୍ରକାରର ପ୍ରାର୍ଥନା ବିଷ୍ଣୁପୁରାଣର

ପଞ୍ଚମ ସ୍କନ୍ଦରେ ପଞ୍ଚମ ବିଷୟରେ ଦେଖିବାକୁ ମିଳେ, ଯେଉଁଠି ଯଶୋଦା କୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧୁଥିବା ବେଳେ ପ୍ରାର୍ଥନା କରନ୍ତି ।

*ବିଶ୍ୱ ନିୟନ୍ତା ତୁମକୁ ସୁରକ୍ଷିତ ରଖନ୍ତୁ*
*ଏହି ବିଶ୍ୱକୁ ଯେ ନିର୍ମାଣ କରିଛନ୍ତି, ଚଳାଉଛନ୍ତି ସେ ତୁମ ଜୀବନକୁ ସୁରକ୍ଷା ଦିଅନ୍ତୁ ।*
*ତୁମ ମସ୍ତକକୁ ଗୋବିନ୍ଦ, ଗଳାକୁ କେଶବ, ଉଦରକୁ ବିଷ୍ଣୁ*
*ସର୍ବବ୍ୟାପୀ ନାରାୟଣ ତୁମ ମୁଖ, ହସ୍ତ, ମଥା ଏବଂ ସମସ୍ତ ଜ୍ଞାନକୁ ସୁରକ୍ଷିତ କରନ୍ତୁ ।*
*ସମସ୍ତ ଭୟ ଓ ଦୁଶ୍ଚିନ୍ତା, ପୀଡ଼ା ଓ ଦୁର୍ଦ୍ଦଶା ତୁମକୁ ଛାଡ଼ି ଯାଆନ୍ତୁ ।*
*ରିଷିକେଶ ତୁମକୁ ଆକାଶରେ ସୁରକ୍ଷିତ ରଖନ୍ତୁ, ମହୀଧର ଭୂଲୋକରେ ।*

ଏହି ପ୍ରାର୍ଥନା ପରେ ଭଉଣୀମାନେ ଭାଇଙ୍କ ମଥାରେ ସିନ୍ଦୁର ଲଗାଇଦିଅନ୍ତି । ଏହାପରେ ଭାଇମାନେ ସମସ୍ତ ଅବସ୍ଥାରେ ଭଉଣୀର ସୁରକ୍ଷା ପାଇଁ ବଚନ ଦିଅନ୍ତି ।

ଏହାପରେ ଭଉଣୀମାନେ ନିଜ ହାତରେ ଭାଇମାନଙ୍କୁ ମିଠା ଖୁଆଇ ଦିଅନ୍ତି ।

ଏହା ସରିବା ପରେ ଭାଇମାନେ ଭଉଣୀଙ୍କୁ ମିଠା, ପୋଷାକପତ୍ର, ଟଙ୍କା କିମ୍ବା ଅନ୍ୟକିଛି ସୁଚିନ୍ତିତ ଉପହାର ପ୍ରଦାନ କରନ୍ତି । ଉପସ୍ଥିତ ବୟୋଜ୍ୟେଷ୍ଠ ପରିବାର ସଦସ୍ୟମାନେ ଉଭୟଙ୍କୁ ସ୍ନେହାଶୀର୍ବାଦ ଦିଅନ୍ତି ।

ଭାଇମାନେ ସେହି ପୁରା ଦିନ ହାତରେ ରାକ୍ଷୀ ବାନ୍ଧି ରଖନ୍ତି । ବେଳେ ବେଳେ ଅନେକ ଦିନ ପର୍ଯ୍ୟନ୍ତ ପିନ୍ଧନ୍ତି ।

## ରକ୍ଷା ବନ୍ଧନର ପୌରାଣିକ ମହତ୍ତ୍ୱ

ହିନ୍ଦୁ ଧର୍ମଗ୍ରନ୍ଥମାନଙ୍କରେ ରାକ୍ଷୀ ବିଷୟରେ ଅନେକ କଥା ଦେଖିବାକୁ ମିଳିଥାଏ । ଏହାର କିଛି ଉଦାହରଣ;

### ୧. ଇନ୍ଦ୍ରଦେବ

ଭବିଷ୍ୟ ପୁରାଣରେ ଲେଖାଯାଇଛି ଯେ ଦେବତା ଓ ଅସୁରମାନଙ୍କ ଯୁଦ୍ଧ ହେଉଥିବା ସମୟରେ ଅସୁର ରାଜା ବାଲୀ ଦ୍ୱାରା ଇନ୍ଦ୍ର ଅପମାନିତ ହୋଇଥିଲେ । ଇନ୍ଦ୍ରଙ୍କ ପତ୍ନୀ ସଚୀ ଏହି ବିଷୟରେ ବିଷ୍ଣୁଙ୍କୁ ଜଣାଇବା ପରେ ସେ ଏକ ପବିତ୍ର ସୁତା ଦେଇଥିଲେ । ସଚୀ ଏହାକୁ ଇନ୍ଦ୍ରଙ୍କ ହାତରେ ସୁରକ୍ଷା ପାଇଁ ବାନ୍ଧିଦେଇଥିଲେ । ଏହାପରେ ଇନ୍ଦ୍ର ସଫଳତାର ସହ ଅସୁରମାନଙ୍କୁ ହରାଇ ଅମରାବତୀ ବିଜୟ କରିଥିଲେ । ଏହା ପରେ ପବିତ୍ର ସୁତାରେ ଥିବା ଐଶ୍ୱରୀୟ ଶକ୍ତି ବିଖ୍ୟାତ ହୋଇଥିଲା । ଏବଂ ଅତୀତରେ ଏହା ଅନେକ ଐତିହାସିକ ଯୁଦ୍ଧ ସମୟରେ ପତ୍ନୀମାନେ ନିଜ ସ୍ୱାମୀଙ୍କ ହାତରେ ବାନ୍ଧିଥିବାର ଉଦାହରଣ ମିଳେ । ଅର୍ଥାତ ଏହା କେବଳ ଭାଇଭଉଣୀ ମଧରେ ସୀମିତ ନଥିଲା ।

### ୨. ରାଜା ବାଲୀ ଓ ଦେବୀ ଲକ୍ଷ୍ମୀ

ଭାଗବତ ପୁରାଣ ଏବଂ ବିଷ୍ଣୁପୁରାଣ କଥା ଅନୁଯାୟୀ ବିଷ୍ଣୁ ଯେତେବେଳେ ଅସୁର ରାଜା ବାଲୀଙ୍କୁ ପରାସ୍ତ କରି ତ୍ରିପୁର ବିଜୟୀ ହେଲେ, ସେତେବେଳେ ବାଲୀର ଅନୁରୋଧ ଅନୁଯାୟୀ ବିଷ୍ଣୁ ବାଲୀର ମହଲରେ ରହିଥିଲେ । କିନ୍ତୁ ବିଷ୍ଣୁପାଟରାଣୀ ଦେବୀ ଲକ୍ଷ୍ମୀଙ୍କୁ ଏହା ସୁନ୍ଦର ଲାଗୁନଥିଲା । ସେ ଚାହୁଁଥିଲେ ବିଷ୍ଣୁ ବୈକୁଣ୍ଠକୁ ଫେରି ଯାଆନ୍ତୁ । ସେଇଥି ପାଇଁ ସେ ବାଲୀର ହାତରେ ପବିତ୍ର ସୁତା ବାନ୍ଧି ତାକୁ ନିଜ ଭାଇ ବୋଲି କହିଥିଲେ । ଏହାର ପ୍ରତିଦାନରେ ବାଲୀ ଲକ୍ଷ୍ମୀଙ୍କୁ ଉପହାର ଦେବାପାଇଁ କହିବାପରେ ଲକ୍ଷ୍ମୀ ଅନୁରୋଧ କରିଥିଲେ ଯେ ସେ ବିଷ୍ଣୁଙ୍କୁ ନିଜ ପୁରକୁ ଯିବାକୁ ଦିଅନ୍ତୁ । ବାଲୀ ଏହାକୁ ସହାସ୍ୟବଦନରେ ସ୍ୱୀକାର କରିଥିଲେ ।

### ୩. ସନ୍ତୋଷୀ ମା

ବିଘ୍ନରାଜ ଗଣେଶଙ୍କ ଦୁଇଟି ସନ୍ତାନ ଥିଲେ - ଶୁଭ

ଓ ଲାଭ । ରକ୍ଷା ବନ୍ଧନ ଦିନ ଗଣେଶଙ୍କ ଭଉଣୀ ଆସି ଗଣେଶଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଏହାକୁ ଦେଖି ଶୁଭ ଓ ଲାଭ ନିଜ ପାଇଁ ଭଉଣୀଟିଏ ଆଣିଦେବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ଗଣେଶ ଏଥିରେ ରାଜି ହୋଇନଥିଲେ । ଶେଷରେ ମହାମୁନୀ ନାରଦଙ୍କ ଅନୁରୋଧକ୍ରମେ ଗଣେଶ ସନ୍ତୋଷୀ ମା'ଙ୍କୁ ସୃଷ୍ଟି କରିଥିଲେ । ଗଣେଶଙ୍କ ପତ୍ନୀ ଋଦ୍ଧି ଓ ସିଦ୍ଧିଙ୍କ ଦିବ୍ୟ ଆଭା ନେଇ ସନ୍ତୋଷୀ ମା ଜନ୍ମ ହୋଇଥିଲେ ।

୪. କୃଷ୍ଣ ଓ ଦ୍ରୌପଦୀ

କୃଷ୍ଣ ଦ୍ରୌପଦୀଙ୍କୁ ନିଜ ବାନ୍ଧବୀ ବୋଲି ମାନୁଥିଲେ । ଶିଶୁପାଳକୁ ବଧ କରୁଥିଲା ବେଳେ କୃଷ୍ଣଙ୍କ ଆଙ୍ଗୁଠି କଟିଯିବାର ଦେଖି ଦ୍ରୌପଦୀ ନିଜ ପିନ୍ଧିଥିବା ଶାଢ଼ୀରୁ କିଛି ଅଂଶ ଛିଡ଼ାଇ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ । ଏହା ଦେଖି କୃଷ୍ଣ କହିଥିଲେ ଯେ ଏହି ଖଣ୍ଡିଏ ବସ୍ତ୍ର ବାନ୍ଧିଦେଇ ସେ ଋଣୀ ହୋଇଯାଇଛନ୍ତି ଏବଂ ସମୟ ଆସିଲେ ସେ ଏହି ବସ୍ତ୍ରର ପ୍ରତ୍ୟେକ ସୁତାର ମୂଲ୍ୟ ଫେରାଇବେ । ସତକୁ ସତ କୁରୁ ସଭାରେ ଯେତେବେଳେ ଦୁଷ୍ଟ ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ର ହରଣ କରିବାକୁ ଚେଷ୍ଟା କରୁଥିଲେ ସେତେବେଳେ କୃଷ୍ଣ ଅଦୃଶ୍ୟରେ ଥାଇ ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିଥିଲେ ।

ହୁଏତ ଏହି କାହାଣୀ ଦ୍ୱାରା ହିଁ ରକ୍ଷା ବନ୍ଧନ ଆରମ୍ଭ ହୋଇଥାଇପାରେ ବୋଲି ଆମେ ମନେକରୁଛୁ ।

୫. ଯମ ଓ ଯମୁନା

ଅନ୍ୟ ଏକ କାହାଣୀ ଅନୁଯାୟୀ ମରଣର ଦେବତା ଯମ ଦୀର୍ଘ ବାରବର୍ଷ କାଳ ନିଜ ଭଉଣୀ ଯମୁନାକୁ ଦେଖା କରିନଥିଲେ । ଯମୁନା ଏଥିରେ ମ୍ରିୟମାଣ ହୋଇ ଗଙ୍ଗାଙ୍କୁ ଏହାର ନିରାକରଣ ହେତୁ ଅନୁରୋଧ କରିଥିଲେ । ଗଙ୍ଗା ଏହି କଥା ଯମଙ୍କୁ ଜଣାଇବା ପରେ ଯମ ନିଜ ଭଉଣୀଙ୍କ ଘରକୁ ଯାଇଥିଲେ । ଯମଙ୍କୁ ପାଇ ଭଉଣୀ ଯମୁନା ଖୁସୀରେ ଅନେକ ପ୍ରକାରର ସୁଖାଦ୍ୟ ତିଆରି କରିଥିଲେ । ଏଥିରେ ଯମ ଅତ୍ୟନ୍ତ ଖୁସି ହୋଇ ଭଉଣୀଙ୍କୁ ବର ପ୍ରଦାନ କରିବାକୁ କହିବା ପରେ ଯମୁନା ଅନୁରୋଧ କରିଥିଲେ ଯେ ଯମ ସବୁବେଳେ ଏମିତି ଭଉଣୀଙ୍କ ପାଖକୁ ଆସୁଥାନ୍ତୁ । ଯମ ଏହାପରେ ଯମୁନାଙ୍କୁ ଅମର କରିଦେଇଥିଲେ ।

*ରାକ୍ଷୀର ରଙ୍ଗ ଓ ଏହାର ମହତ୍ତ୍ୱ -*

ବିଭିନ୍ନ ରଙ୍ଗର ରାକ୍ଷୀ ବଜାରରେ ମିଳେ । ଗୁରୁଦେବ ରବିନ୍ଦ୍ରନାଥ ଠାକୁର ଧଳା ରଙ୍ଗର ରାକ୍ଷୀ ବ୍ୟବହାର କରୁଥିଲେ, ଯାହା ବନ୍ଧୁତ୍ୱକୁ ସିଦ୍ଧ କରୁଥିଲା । ଇନ୍ଦ୍ରାଣୀ ନିଜ ସ୍ୱାମୀ ଇନ୍ଦ୍ରଙ୍କ ପାଇଁ ଲାଲ ରଙ୍ଗର ରାକ୍ଷୀ ତିଆରି କରିଥିଲେ ଯାହା ପ୍ରେମ ଓ ପରସ୍ପର ପ୍ରତି ନିଷ୍ଠାକୁ ସୁଗ୍ରାଇଦିଏ । ଲକ୍ଷ୍ମୀ ଓ ଯମୁନା ଯଥାକ୍ରମେ ନାରଙ୍ଗୀ ଓ ହଳଦିଆ ରଙ୍ଗର ରାକ୍ଷୀ ବାନ୍ଧିଥିଲେ । ଯାହା ଭାଇଙ୍କ ପାଇଁ ସ୍ନେହକୁ ସୁଗ୍ରାଇଥାଏ ।

ରକ୍ଷା ବନ୍ଧନ କେବଳ ଭାଇଭଉଣୀଙ୍କ ସ୍ନେହର ଉଦାହରଣ ନୁହେଁ, ଏହି ଦିନ ମନ୍ଦିରର ପୂଜାରୀମାନେ ଭକ୍ତମାନଙ୍କ ହାତରେ ରାକ୍ଷୀ ବାନ୍ଧିବାର ଦେଖାଯାଏ, ସ୍କୁଲ ପିଲାମାନେ ନିଜ ଗୁରୁଭାଇଙ୍କ ହାତରେ ରାକ୍ଷୀ ବାନ୍ଧନ୍ତି । କନ୍ୟାମାନେ ରାଜ୍ୟ ଓ ଦେଶର ପ୍ରମୁଖ ବ୍ୟକ୍ତିମାନଙ୍କ ହାତରେ ରାକ୍ଷୀ ବାନ୍ଧନ୍ତି । ସୀମାରେ କର୍ତ୍ତବ୍ୟରତ ସୈନିକମାନଙ୍କ ହାତରେ ରାକ୍ଷୀବାନ୍ଧିବା ପାଇଁ ସମ୍ମାନୀୟ

ଅତିଥିମାନଙ୍କ ଗହଣରେ ଉତ୍ସବ ପାଳନ ହୋଇଥାଏ ।

## ରକ୍ଷାବନ୍ଧନର ଐତିହାସିକ ମହତ୍ତ୍ୱ

ଇତିହାସ କହେ ମୋଗଲ ଶାସନ କାଳରେ ଏହା ମୋଗଲ ମହଲରେ ମଧ୍ୟ ପ୍ରଚଳିତ ଥିଲା । ମୁସଲମାନଙ୍କ ମଧ୍ୟରେ ଥିବା ଇସ୍ମାଇଲି ଗୋଷ୍ଠୀ ଏହାକୁ ପାଳନ କରନ୍ତି । ସେହିପରି ଖ୍ରୀଷ୍ଟିୟାନମାନେ ମଧ୍ୟ ଏହାକୁ ପାଳନ କରିବା ଦେଖାଯାଉଛି । ଶିଖ ମାନେ ଏହାକୁ ଅତି ଆଡ଼ମ୍ବର ସହକାରେ ପାଳନ କରନ୍ତି ।

ଇତିହାସ କହେ ରାଜପୁତ ରାଣୀମାନେ ନିଜ ପଡ଼ୋଶୀ ରାଜ୍ୟର ଶାସକ ମାନଙ୍କୁ ସ୍ନେହରେ ରାକ୍ଷୀ ପଠାଇ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ରଖୁଥିଲେ ।

କିଛି ଐତିହାସିକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୬ ମସିହାରେ ଯେତେବେଳେ ମହାନ ଯୋଦ୍ଧା ଆଲେକ୍‌ଜାଣ୍ଡର୍ ଭାରତ ଆକ୍ରମଣ କରିବାକୁ ଆସିଥିଲେ, ସେହି ସମୟରେ ତାଙ୍କ ପତ୍ନୀ ରୋକ୍‌ସାନା ତତ୍‌କାଳୀନ ଭାରତର ସମ୍ରାଟ ପୁରୁଙ୍କ ପାଖକୁ ପବିତ୍ର ସୂତା ପଠାଇ ନିଜ ସ୍ୱାମୀଙ୍କ ସୁରକ୍ଷାପାଇଁ ନିବେଦନ କରିଥିଲେ । ପୁରୁ ଏହାର ସମ୍ମାନ ରକ୍ଷା କରିଥିଲେ ମଧ୍ୟ । ଯୁଦ୍ଧ କ୍ଷେତ୍ରରେ ସେ ଯେତେବେଳେ ଆଲେକ୍‌ଜାଣ୍ଡରଙ୍କୁ ନିଃଶେଷ କରିବାକୁ ଯାଉଥିଲେ ସେତେବେଳେ ସେ ଏହି ରାକ୍ଷୀକୁ ଦେଖି ତାଙ୍କୁ ଛାଡ଼ି ଦେଇଥିଲେ ।

ଅନ୍ୟ ଏକ ବିଶ୍ବାସଯୋଗ୍ୟ କାହାଣୀ ଅନୁଯାୟୀ ଚିତ୍ତୋରର ରାଣୀ କର୍ଣ୍ଣାବତୀ, ମୋଗଲ ସମ୍ରାଟ ହୁମାୟୁନଙ୍କୁ ରାକ୍ଷୀ ପଠାଇଥିଲେ । ବିଧବା କର୍ଣ୍ଣାବତୀ ଗୁଜୁରାଟର ତତ୍କାଳୀନ ଶାସକ ବାହାଦୁର୍ ଶାହାଙ୍କ ଦୌରାତ୍ମ୍ୟରେ ଅସ୍ଥିର ହୋଇ ସେ ଏହା କରିଥିଲେ । ଏବଂ ଏହାର ସମ୍ମାନ ରକ୍ଷା କରିବାପାଇଁ ହୁମାୟୁନ ତୁରନ୍ତ ଚିତ୍ତୋରର ସୁରକ୍ଷା ପାଇଁ ଆଗଭର ହୋଇଥିଲେ । ଯଦିଓ ସେ ପହଞ୍ଚିବା ପୂର୍ବରୁ ବାହାଦୁର ଶାହ୍ ମହଲକୁ ଅକ୍ତିଆର କରିସାରିଥିଲେ, କିନ୍ତୁ ଏହାର ବଖାଣ କୌଣସି ପୁସ୍ତକରେ ଦେଖିବାକୁ ମିଳେନାହିଁ । କିଛି ରାଜସ୍ଥାନୀ ଲୋକକଥାରେ ଏହା ଶୁଣାଯାଏ ।

## ବିଶ୍ୱଗୁରୁ ରବିନ୍ଦ୍ରନାଥ ଠାକୁର ଓ ରାକ୍ଷୀ

ଭାରତର ପ୍ରଥମ ନୋବେଲ୍ ପୁରସ୍କାର ବିଜେତା ଗୁରୁ ରବିନ୍ଦ୍ରନାଥ ଠାକୁର ରକ୍ଷାବନ୍ଧନ ଏବଂ ରାକ୍ଷୀକୁ ସ୍ନେହ, ସମ୍ମାନ ଏବଂ ପରସ୍ପରକୁ ସୁରକ୍ଷା ଯୋଗାଇଦେବା ଦୃଷ୍ଟିରୁ ଉଭୟ ହିନ୍ଦୁ ଏବଂ ମୁସଲମାନ ମାନଙ୍କ ଭିତରେ ଏହା ଅତ୍ୟନ୍ତ ଗୁରୁତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରିଥିଲେ । ୧୯୦୫ ମସିହାରେ ବ୍ରିଟିଶ ମାନେ ଧର୍ମକୁ ମାଧ୍ୟମ ରଖି ବଙ୍ଗଳା ପ୍ରଦେଶକୁ ବିଭାଜନ କରିଦେଲେ । ଏହି ସମୟରେ ସେ ରକ୍ଷା ବନ୍ଧନ ପର୍ବର ଆୟୋଜନ କରି ହିନ୍ଦୁ ଏବଂ ମୁସଲମାନ ମାନଙ୍କ ମଧ୍ୟରେ ସ୍ନେହ, ଭ୍ରାତୃତ୍ୱଭାବ ଏବଂ ପରସ୍ପରପ୍ରତି ସୁରକ୍ଷାର ପ୍ରତିବଦ୍ଧତା ଦର୍ଶାଇବା ହେତୁ ଏକ ପଦକ୍ଷେପ ନେଇଥିଲେ । ବିଭାଜନ କାଳରେ ଭ୍ରାତୃତ୍ୱଭାବକୁ ପ୍ରୋତ୍ସାହନ କରିବା ପାଇଁ ସେ ରକ୍ଷାବନ୍ଧନ ପାଳନ କରିଥିଲେ । ୧୯୧୧ ମସିହାରେ ପୁଣିଥରେ ବଙ୍ଗଳା ପ୍ରଦେଶର ସମ୍ମିଶ୍ରଣ ପାଇଁ ପ୍ରସ୍ତାବ ଆସିଥିଲେ ସୁଦ୍ଧା ପୂର୍ବବଙ୍ଗଳାର ମୁସଲମାନ ମାନେ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ । ଗୁରୁଦେବଙ୍କ ରକ୍ଷାବନ୍ଧନ ପର୍ବର କୌଣସି ସୁଫଳ ମିଳିନଥିଲା । ରବିନ୍ଦ୍ରନାଥ ଠାକୁର ବଙ୍ଗଳାର ଐକ୍ୟତା ଦର୍ଶାଇବା ପାଇଁ ରକ୍ଷା ବନ୍ଧନ

ମହୋତ୍ସବ ପାଳନ କରଥିଲେ । ଆଜ ମଧ୍ୟ ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ଏହ ପର୍ବ ପାଳନ ହେଉଥିବା ଦେଖାଯାଏ ।

*ମହାରଜା ରଣ୍ଜୀତ ସିଂହ*

ଶିଖ୍ ସାମ୍ରାଜ୍ୟର ପ୍ରଭାବଶାଳୀ ଶାସକ ମହାରଜା ରଣ୍ଜୀତ୍ ସିଂହ ଅନେକ ଧର୍ମମଧରେ ସାମ୍ୟ ରକ୍ଷା କରବା ହେତୁ ରକ୍ଷାବନ୍ଧନ ପର୍ବ ପାଳନ କରୁଥିଲେ । ତାଙ୍କର ମହାରଣୀ ଜନ୍ଦନ୍ ଙ୍କ ପ୍ରଚେଷ୍ଟାରେ ସେତେବେଳେ ଶିଖ୍ ସାମ୍ରାଜ୍ୟ ଓ ନେପାଳ ମଧରେ ସହଯୋଗ ବୃଦ୍ଧି ପାଇଥିଲା । ୧୮୪୯ ମସିହାରେ ଶିଖ୍ ସାମ୍ରାଜ୍ୟର ପତନ ସମୟରେ ନେପାଳର ତତ୍କାଳୀନ ରଜା ଜଙ୍ଗ୍ ବାହାଦୁର୍ ମହାରଣୀ ଜନ୍ଦନଙ୍କୁ ଶରଣ ଦେଇଥିଲେ ।

*ରକ୍ଷୀରେ ବବଧତା*

୨୦୧୫ ମସିହାରେ ପୁରୁଷମାନେ ମହଳାମାନଙ୍କ ହାତରେ ରକ୍ଷୀ ବାନ୍ଧିବା ଭଳ ଏକ ସମ୍ବାଦ ବଭନ୍ନ ଖବରକାଗଜରେ ଶିରେନାମା ମଣ୍ଡନ କରଥିଲା । ଭାରତୀୟ ଦଣ୍ଡ ସଂହତାର ଧାର ୪୯୮(କ)ର ଅପବ୍ୟବହାର ବନ୍ଦ କରବା ଏବଂ ସମାଜରେ ନାରୀ ଏବଂ ପୁରୁଷକୁ ସମାନ ଦଣ୍ଡ ସଂହତାରେ ରଖିବା ଉଦ୍ଦେଶ୍ୟନେଇ ହୃଦୟ ନାମକ ଏକ ବେସରକାରୀ ସଂସ୍ଥାର ପ୍ରତଷ୍ଠାତା ଏବଂ ସଦସ୍ୟ ଅମାର୍ତ୍ୟ ତାଲୁକ୍ଦାର ଏହାର ଆୟୋଜନ କରଥିଲେ ।

*ଆଞ୍ଚଳକ ବୈଷମ୍ୟତା*

*ଉତ୍ତରଖଣ୍ଡ (କୁମାଉଁ ଅଞ୍ଚଳ)*

ଏହ ଅଞ୍ଚଳରେ ଏହ ପର୍ବ ଜନେ୍ୟା ପୁନ୍ୟ ସହ ପାଳନ କରଯାଏ । ଭାଇଭଉଣୀଙ୍କ ରକ୍ଷୀ ବାନ୍ଧିବା ସହ ଏହ ଦନ ପୁରୁଷମାନେ ନଜର ଜନେଯୁ ବା ଜନେ୍ୟା ବା ଉପବୀତ ବା ପଇତା ପରବର୍ତ୍ତନ କରଥାନ୍ତି । ଚମ୍ପାବତ୍ ଜଲ୍ଲା ଦେବଧୁରଠାରେ ବଗୱାଲ୍ ମେଳାର ଆୟୋଜନ ହୁଏ ।

*ପଶ୍ଚିମବଙ୍ଗ ଓ ଓଡ଼ିଶା*

ଏହ ଦନକୁ ଝୁଲଣ ପୂର୍ଣ୍ଣିମା ଭାବରେ ମଧ୍ୟ ପାଳନ କରଯାଏ । ରଧାକୃଷ୍ଣଙ୍କ ପୂଜା କରଯାଏ ।

*ନେପାଳ*

ଏହ ଦନକୁ ଶ୍ରାବଣ ପୂର୍ଣ୍ଣିମା ଭାବରେ ପାଳନ କରଯାଏ । କଛ ଅଞ୍ଚଳରେ ଏହାକୁ ଜନେଯୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ପରବାରର ପୁରୁଷ ସଦସ୍ୟ ମାନଙ୍କ ହାତରେ ଜନେଯୁ ନାମକ ଏକ ପବତ୍ର ସୁତା ବାନ୍ଧି ଏହ ଦନକୁ ପାଳନ କରଯାଏ । ଏହ ଉତ୍ସବରେ ସାତଟି ଶସ୍ୟର ମିଶ୍ରଣରେ ଏକ ବଶେଷ ଖାଦ୍ୟ 'କ୍ୱାଟି' ତଆର କର ସମସ୍ତେ ଖାଆନ୍ତି ।

ଏହ ଦନ ପଇତା ବା ଉପବୀତ ପରବର୍ତ୍ତନ କରବାର ପ୍ରଥା ମଧ୍ୟ ଦେଖାଯାଏ । ନେପାଳର ଲୋକମାନେ ଭଗବାନ ଶିବଙ୍କୁ ଆରଧନା କରନ୍ତି ଏବଂ ଗୋସେଇଁକୁଣ୍ଡ, ବୁଢ଼ାନଳକଣ୍ଠ, ପଶୁପତନାଥ, କୁମ୍ଭେଶ୍ୱର ଆଦ ମନ୍ଦିର ଦର୍ଶନରେ ଯାଆନ୍ତି ।

*ମହାରଷ୍ଟ୍ର*

ଏହ ଦନକୁ ନରଳୀ ପୂର୍ଣ୍ଣିମା ଭାବରେ ପାଳନ କରଯାଏ । ମହାରଷ୍ଟ୍ରର ମାଛଧର ଜାତ କୋଲ ମାନେ

ଏହାକୁ ପାଳନ କରନ୍ତି । ଏମାନେ ବରୁଣ ଦେବଙ୍କୁ ପୂଜା କରନ୍ତି ଏବଂ ଆଶୀର୍ବାଦ ଭିକ୍ଷା କରନ୍ତି । ଏବଂ ଏଥିପାଇଁ ସେମାନେ ସମୁଦ୍ର ମଧ୍ୟକୁ ନଡ଼ିଆ ଫୋପାଡ଼ନ୍ତି ଏବଂ ପରସ୍ପରକୁ ସିନ୍ଦୁର ଲଗାନ୍ତି ।

*ଜମ୍ମୁ (କାଶ୍ମୀର)*

ଏହି ଅଞ୍ଚଳରେ ଲୋକମାନେ ଗୁଡ଼ି ବା ପତଙ୍ଗ ଉଡ଼ାଇ ଏହି ପର୍ବକୁ ପାଳନ କରନ୍ତି । ଏଥିପାଇଁ ମାସାଧିକ କାଳ ଗୁଡ଼ି ଉଡ଼ାଇବା ପ୍ରତିଯୋଗିତା ଏବଂ ପର୍ବ ଚାଲୁଥାଏ । ଏଥିପାଇଁ 'ଗଟ୍ଟୁ ଦୂର୍' ନାମକ ସୂତା କିଣି ଗୁଡ଼ି ଉଡ଼ାନ୍ତି ।

*ପଞ୍ଜାବ ଓ ହରିୟାଣା*

ରକ୍ଷା ବନ୍ଧନ ସହିତ ଏହି ରାଜ୍ୟମାନଙ୍କରେ ସାଲୋନୋ ପର୍ବ ପାଳନ ହୁଏ । ଲୋକମାନଙ୍କୁ ବିପଦରୁ ରକ୍ଷା କରିବାପାଇଁ ପୂଜାରୀମାନେ ସେମାନଙ୍କ ହାତରେ ପବିତ୍ର ସୂତା ବାନ୍ଧି ଦିଅନ୍ତି । ଏହି ସୂତାକୁ ପୋଞ୍ଚି ବୋଲି କୁହାଯାଏ ।

ସହକାରୀ ଅଧ୍ୟାପକ

ଗେଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର, ଓଡ଼ିଶା

ଦୂରଭାଷ : ୯୦୪୦୯୮୫୪୬୩

ଇମେଲ୍ : aahwaan@gmail.com

# ଜନ୍ମ ଦିନର ଉପହାର



ସୁଶ୍ରୀ ଜୟଶ୍ରୀ ଜେନା

ଠାକୁର ପୂଜା ସାରି ଘଣ୍ଟାକୁ ଅନେଇ ତରତର ହୋଇପଡ଼ିଥିଲା ଅନୀତା । ଜଳଖିଆ ଖାଇବାକୁ ଭାବିଥିଲେ ମଧ୍ୟ ସମୟ ଅଭାବରୁ ନ ଖାଇ ସିଧା ରୁମ ଭିତରକୁ ଚାଲି ଯାଇଥିଲା ସେ । ଆଲମାରୀ ଭିତରୁ ନିଜ ପ୍ରିୟ ନୀଳ ରଙ୍ଗର ଶାଢ଼ୀଟାଏ ବାହାରି କରି ଫଟାଫଟ୍ ପିନ୍ଧି ପକେଇଲା ଅନୀତା । ଡ୍ରେସିଂ ଟେବୁଲ୍ ଆଗରେ ଛିଡ଼ା ହୋଇ ମୁଣ୍ଡ କୁଣ୍ଡାଉ କୁଣ୍ଡାଉ ହଠାତ୍ ନଜର ପଡ଼ିଲା ତା'ର ମୁଣ୍ଡରେ ଅନେକ ଚୁଟି ପାଚି ଆସିଲାଣି । ଟିକେ ଆନମନା ହୋଇ ଭାବିବାକୁ ଲାଗିଲା ଅନୀତା, ଏତେ ବ୍ୟସ୍ତ ବହୁଳ ଜୀବନରେ ସେ ଜାଣି ବି ପାରିଲାନି କେତେବେଳେ ଏତେ ସବୁ ସମୟ ବିତିଯାଇ ତା ଦେହରେ ଏତେ ପରିବର୍ତ୍ତନ ଆସିଯାଇଥିଲା । ହାତ ଘଣ୍ଟାକୁ ଦେଖି ପୁଣି ତରତର ହେବାକୁ ଲାଗିଲା ସେ । ମୁଣ୍ଡ କୁଣ୍ଡେଇ ସାରି ମଥାରେ ନାଲି ବିନ୍ଦିଟିଏ ଲଗେଇ ବାହାରି ପଡ଼ିଲା ଅନୀତା । କାରଣ ସେ ସଧବା ବୋଲି ପରିଚୟ ଦେବାକୁ ଏଇ ନାଲି ବିନ୍ଦି, ହାତରେ ଦି ପଟ ନାଲି ଚୁଡ଼ି ଛଡ଼ା ଆଉ କିଛି ନଥିଲା । ଘରୁ ବାହାରି ପାଖ ମନ୍ଦିରରେ ମୁଣ୍ଡିଆଟିଏ ମାରି ସିଧା ଚାଲିଲା ବସଷ୍ଟାଣ୍ଡ ଆଡ଼କୁ । ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ବସ୍ ଆସିବା କ୍ଷଣି ଉଠିଯାଇ ଝରକା ପାଖ ଏକ ସିଟକୁ ଅକ୍ତିଆର କଲା ଅନୀତା ।

ବସ୍ ଗଡ଼ି ଚାଲିଲା । ବସରେ ତା'ର ଅତି ପ୍ରିୟ ପୁରୁଣା ଗୀତ ସବୁ ବାଜୁଥାଏ, 'ହୃଦୟର ଏଇ ଶୂନ୍ୟତାକୁ..., ଆସିଛି ଏକା ଯିବି ମୁଁ ଏକା ଏକା ହୋଇ...., ଏମିତି ଅନେକ । ଚାହୁଁ ଚାହୁଁ ବର୍ଷା ଆରମ୍ଭ ହୋଇ ପରିବେଶକୁ

ଆହୁରି ମଧୁର କରିଦେଲା । ଝରକା ବାହାରେ ଟୋପା ଟୋପା ବର୍ଷା ପାଣିକୁ ଦେଖି ଅନୀତା ଆତ୍ମହରା ହୋଇପଡୁଥାଏ । ବୟସକୁ ଭୁଲି ପୁଣି ଚପଳା କିଶୋରୀ ହୋଇଯାଇଥାଏ । ହାତ ବଢ଼େଇ ବର୍ଷାପାଣିକୁ ଛୁଇଁବାର ଦୁର୍ବାର କାମନାକୁ କିନ୍ତୁ ସେ ପୂରଣ କରିପାରି ନଥିଲା । ଗୋଟି ଗୋଟି କରି ତା ପୁରୁଣା ଦିନ ସବୁ ତା ଆଖି ସାମ୍ନାରେ ଭାସୁଥାଏ । ବର୍ଷାରେ ଭିଜି ଭିଜି କଲେଜରୁ ଫେରିବା, ସାଙ୍ଗ ମାନଙ୍କ ସହ ଅନେକ ସମୟ ମସ୍ତି କରିବା... । ଆଉ ସବୁଠୁ ବେଶୀ ମନେ ପଡ଼େ ମହେଶ୍ ସହ ବିତାଇଥିବା ତା ଏକାନ୍ତ ସମୟ ସବୁ । ହେଲେ ସମୟ କ୍ରୁର ନିର୍ଦ୍ଦେଶ ଆଜି ତାକୁ କେମିତି ନିଃସଙ୍ଗ କରିଦେଇଛି । ଏମିତି କେତେ କଣ ଭାବୁ ଭାବୁ କେତେବେଳୁ ବର୍ଷା ଛାଡ଼ିଗଲାଣି ଅନୀତାର ଧ୍ୟାନ ନଥିଲା । ବସ ବି ଛଡ଼ା ହୋଇଥାଏ । ଅବଶ୍ୟ ତାକୁ କାରଣ ଜଣା ନାହିଁ, ହୁଏତ କେଉଁ ଗୋଟିଏ ବସଷ୍ଟପ୍ ହୋଇଥାଇପାରେ । ଝରକା ଆଡ଼େ ପୁଣି ନଜର ପକାଇଲା ଅନୀତା ଦେଖିଲା ରାସ୍ତାରେ ପାଞ୍ଚ ଛଅ ଜଣ ସାନ ଝିଅ ସ୍କୁଲ ବ୍ୟାଗ ଧରି ଯାଉଛନ୍ତି । ସେମାନଙ୍କ ଭିତରୁ ସବୁଠୁ ଛୋଟ ଝିଅଟି ସ୍କୁଲ୍ ୟୁନିଫର୍ମ ନ ପିନ୍ଧି ଫୁଲ ପକା ନୂଆ ଫ୍ରକଟିଏ ପିନ୍ଧିଛି ଆଉ ମୁଣ୍ଡରେ ଟୋପି ଟୋପି ଚନ୍ଦନ ନାଇଚି । ଭାରୀ ସୁନ୍ଦରୀ ଦିଶୁଛି ଝିଅଟି, ଠିକ୍ କୁନି ପରୀଟିଏ ପରି । ତା ବେଶ ଆଉ ପରିପାଟୀରୁ ଅନୀତା ଠିକ୍ ଠଉରେଇ ନେଇଥିଲା, ନିଶ୍ଚୟ ଆଜି ସେ ଝିଅର ଜନ୍ମଦିନ ହୋଇଥିବ । ପୁଣି ଥରେ ହଜିଗଲା ଅନୀତା ତା ଅତୀତରେ, ନିଜ ପିଲାଦିନ ସମୟରେ ।

ତା' ଜନ୍ମ ଦିନରେ ତା ବୋଉ କେମିତି ତାକୁ ବଡ଼ି ଭୋରରୁ ଉଠାଇ ଗାଧୋଇ ପାଧୋଇଦେଇ ନୂଆ ପୋଷାକ ପିନ୍ଧେଇ ଦେଉଥିଲା । ଟୋପି ଟୋପି ଚନ୍ଦନରେ ତାକୁ ସଜେଇ ଦେଉ ଥିଲା । ହାତରେ ରଙ୍ଗବେରଙ୍ଗର ଚୁଡ଼ି ଆଣିଦେଉଥିଲା ।  ସବୁ ପିନ୍ଧାପିନ୍ଧି କରି ବାବା ବୋଉଙ୍କ ସହ ମନ୍ଦିର ଯାଉଥିଲା ସେ । ମନ୍ଦିରରୁ ଫେରିବା ବେଳେ ବାବା ତା ପାଇଁ କେତେ ରକମର ମିଠା ଆଣି ଦେଉଥିଲେ ସ୍କୁଲରେ ନେଇ ବାଣ୍ଟିବା ପାଇଁ । ଆଉ ସଞ୍ଜବେଳକୁ ତା ବୋଉ ଗାଁଟା ଯାକର ସବୁ ପିଲାଙ୍କୁ ଡାକି କ୍ଷୀରି, ପୁରୀ, ତରକାରୀ ଆଉ ମିଠା ଖୁଆଉଥିଲା । ଯେତେବଡ଼ ଭୁଲ କଲେ ସୁଦ୍ଧା ଜନ୍ମଦିନରେ ତାକୁ କୌଣସି ପ୍ରକାରର ଦଣ୍ଡ ମିଳୁନଥିଲା । ବର୍ଷର ଏଇ ଦିନଟା ଏତେ ଭଲ ଲାଗୁଥିଲା ତାକୁ ଯେ ବର୍ଷସାରା ସେ କେବଳ ଏଇ ଗୋଟିଏ ଦିନକୁ ହିଁ ଅପେକ୍ଷା କରି ରହୁଥିଲା କହିଲେ ଅତ୍ୟୁକ୍ତି ହେବନି ।

ବଡ଼ ହେଲାପରେ ବି ସେ ନିଜ ସାଙ୍ଗସାଥୀଙ୍କ ସହ ଜନ୍ମଦିନ ପାଳନ କରିଥିଲା । ବାହାଘର ପରେ ବି କେଇ ବର୍ଷ ତା ସ୍ୱାମୀ ତା ଜନ୍ମଦିନକୁ ନିଆରା ଭାବରେ ପାଳନ କରିଥିଲେ । ପିଲାମାନେ ଜନ୍ମ ହେବାପରେ ନିଜ ଜନ୍ମଦିନ କଥା ଭୁଲି ଯାଇଥିଲା ସେ । ଯେତେଦିନ ଯାଏଁ ବାପାବୋଉ ଥିଲେ ସେ ଭୁଲିଗଲେ ସୁଦ୍ଧା ସେମାନେ ମନେ ରଖି ଶାଢ଼ୀ ଖଣ୍ଡେ ଅନ୍ତତଃ ପଠାଇଦେଉଥିଲେ, ଫୋନରେ ଜନ୍ମଦିନ ପାଇଁ ଶୁଭେଚ୍ଛା ଦେଇ ମନ୍ଦିର ଯିବାପାଇଁ ତାଗିଦ୍ କରିଦେଉଥିଲେ । ହେଲେ ସେମାନେ କାଳ ହେବା ପରଠାରୁ ଅନୀତାର ଜନ୍ମଦିନ ସତେ ଯେମିତି ଅଲୋଡ଼ା ହୋଇଗଲା । ଆଉ କେହି ନଥିଲେ ଜନ୍ମଦିନ ପାଇଁ ଜଣାଇବା ପାଇଁ । ହେଲେ ସେ ତା ବୋଉଙ୍କ ସ୍ଥାନ ନେଇ ନିଜ ପିଲାଙ୍କ ଜନ୍ମଦିନ କିନ୍ତୁ କେବେ ଭୁଲିନି । ହେଲେ

ସେମାନଙ୍କୁ ନା ପିଠା ମିଠା ପସନ୍ଦ ଆସୁଥିଲା ନା ମନ୍ଦିର ଯିବା । କ୍ଷୀର ପୁରି ସତେ ଯେମିତି ସେମାନଙ୍କ ଶତ୍ରୁ ଥିଲେ । ତେଣୁ ସେମାନଙ୍କ ଚାଲିଚଳନକୁ ଧ୍ୟାନରେ ରଖି ଘରେ କେକ୍ କଟାଯାଉଥିଲା, ହେପି ବାର୍ଥ୍ ଡେ ବୋଲି କୁହାଯାଉଥିଲା ।

ଚକୋଲେଟ୍ ଗିଫ୍ଟ ଆଉ କେକ୍.. ଏୟା ତ ଜନ୍ମଦିନ ନା ଆଉ କିଛି ? ଅନୀତା ସେ ସବୁମଧ୍ୟ କରିବାପାଇଁ ବାଧ୍ୟ ହେଉଥିଲା । ଏବେ ତ ସ୍ୱାମୀ ଆଉ ପିଲାମାନେ ସବୁ ବିଦେଶରେ ପ୍ରତିଷ୍ଠିତ । ହେଲେ ସେ କିନ୍ତୁ ସେଠାରେ ରହିପାରିନଥିଲା, ପାଶ୍ଚାତ୍ୟ ସଭ୍ୟତାର ପରିବେଶରେ ଅଣନିଃଶ୍ୱାସୀ ହୋଇ ଓଡ଼ିଶା ଫେରି ଆସିଥିଲା ଅନୀତା । ମାଟିର ବାସ୍ନା ହିଁ ତାକୁ ଟାଣି ଆଣିଥିଲା । ଭୁବନେଶ୍ୱର ବିମାନବନ୍ଦର ବାହାରକୁ ଆସିବା ପରେ ସେ ଯେଉଁ ଦୀର୍ଘଶ୍ୱାସ ନେଇଥିଲା, ତାକୁ ଅନୁଭବ ହୋଇଥିଲା ସତେ ଯେମିତି ତା ପ୍ରାଣ ଏଇଠି ଏଇ ପାଣି ପବନରେ ହିଁ କେଉଁଠି ରହିଯାଇଥିଲା । ଧିରେ ଧିରେ ପିଲା ଆଉ ସ୍ୱାମୀଙ୍କ ସହ ସମ୍ପର୍କ ବି ତୁଟି ଯାଇଥିଲା । ସମସ୍ତେ ବ୍ୟସ୍ତ ହୋଇଯାଇଥିଲେ । ସେମାନେ କେବେ ଅନୀତାର ମନକୁ ବୁଝିବାକୁ ଚେଷ୍ଟା କରିନଥିଲେ ହୁଏତ । ସେବେଠାରୁ ନିଜକୁ ସମାଜ ସେବାରେ ନିୟୋଜିତ କରିଦେଇଛି ସେ ।

ଏତିକି ବେଳେ ହଠାତ୍ ସେ ଝୁଙ୍କି ପଡ଼ିଲା ଆଉ ସାମ୍ନାପଟ ସିଟରେ ମୁଣ୍ଡଟା ପିଟି ହେଉ ହେଉ ରହିଗଲା । ବସ ଅଟକିଥିଲା ଶେଷ ଷ୍ଟାଣ୍ଡରେ । ଅନୀତା ସମ୍ବିତ୍ ଫେରିପାଇବା ପରେ ବ୍ୟାଗଧରି ଗାଡ଼ିରୁ ତରବର ହୋଇ ଓହ୍ଲେଇ ପଡ଼ିଲା । ବସଷ୍ଟାଣ୍ଡରୁ ଅଳ୍ପଦୂରରେ ରହିଛି ବୃଦ୍ଧାଶ୍ରମ । ସେ ସେଇଠିକୁ ପାଦ ବଢ଼ାଇଲା । ଏଇମିତି ସେ ଯାଉଥିବା ବେଳେ ପଛରୁ କେହିଜଣେ 'ହେପି ବାର୍ଥ୍ ଡେ ଅନୀତା' ବୋଲି କହିବା ଭଳି ତାକୁ ମନେ ହେଲା । ତା ପାଦ ଅଟକିଗଲା । ସେ ପଛକୁ ବୁଲି ଚାହିଁ ଯାହା ଦେଖିଲା, ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ଆଖିରୁ ଟପ୍ ଟପ୍ ଲୁହ ଝରି ଆସିଲା ।

ମହେଶ୍ ? ପୁଣି ଏଇଠି ? ଏତେ ବର୍ଷପରେ ବି ତା ଜନ୍ମଦିନକୁ ମନେ ରଖିଛନ୍ତି ? ଆମେରିକାରୁ କେତେବେଳେ ଆସିଲେ ? କାହିଁକି ବା ଆସିଲେ ? ଏହି ସବୁ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ମହେଶ୍ କହିଲେ, 'ତୁମ ପାଇଁ ବିଦେଶ ଛାଡ଼ିଦେଇ ଫେରି ଆସିଲି । ଭାବିଲି ଅନେକ ବର୍ଷପରେ ତୁମକୁ ଆଜି ତୁମ ଜନ୍ମଦିନରେ ଏମିତି ଚମକାଇ ଦେବି । ହୁଏତ ଜନ୍ମଦିନର ଉପହାର ଭାବି ମୋତେ ଆପଣେଇ ନେବ । ଅବଶ୍ୟ ତୁମେ ଏବେ ବି ମୋ ଉପରେ ରାଗିଥାଇପାର...' ମହେଶର କଥାକୁ ଅଧାରେ ଭାଙ୍ଗିଦେଇ ଅନୀତା ମହେଶର ଛାତିରେ ମୁଣ୍ଡପାତି ଦେଇଥିଲା । ମନେ ମନେ ଭାବୁଥିଲା, ତା ଜନ୍ମଦିନରେ ଏତେବଡ଼ ଉପହାର ସତରେ କଣ ସମ୍ଭବ ? ସେ କେମିତି ଭଗବାନଙ୍କୁ ଧନ୍ୟବାଦ ଦେବା ଜାଣିପାରୁନଥିଲା । ପୁଣି ତାକୁ କେଇ ଦଶନ୍ଧି ପଛକୁ ଫେରିବା ପରି ମନେ ହେଉଥିଲା ।

ବାଲେଶ୍ୱର

mignonjay15@gmail.com

# ବିପଦରେ ଗଞ୍ଜାମର ଲୁଣମର୍ ବ୍ୟବସାୟ



ପୂର୍ଣ୍ଣଚନ୍ଦ୍ର ପଣ୍ଡା

ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଲୁଣ ମାରି ହଜାର ହଜାର ଲୋକ ଜୀବିକା ନିର୍ବାହ କରନ୍ତି ହେଲେ ଏହି ଅଞ୍ଚଳର ଲୁଣ ଚାଷୀମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ ହୋଇ ପଡ଼ିଛି । ଏହି ଅବସରରେ ଆମେ ଭେଟିଥିଲୁ ସେହି ଅଞ୍ଚଳମାନଙ୍କର ଲୁଣ ଚାଷୀ ମାନଙ୍କ ପାଖରେ ଆଉ ଶୁଣିବାକୁ ପାଇଥିଲୁ ସେମାନଙ୍କ ଦୁଃଖର କଥା । ବର୍ଷ ବର୍ଷ ଧରି ପୀଢ଼ି ପରେ ପୀଢ଼ି ଲୁଣ ମାରି ଆସୁଥିଲେ ଏବେ ସେମାନଙ୍କ ପିଲାମାନେ ଏଥି ପ୍ରତି ଆଗ୍ରହ ନେଉନାହାନ୍ତି ଏଥିପାଇଁ ମୁଖ୍ୟ କାରଣ ହେଉଛି ବର୍ତ୍ତମାନର ମହଙ୍ଗା ଯୁଗରେ ଲୁଣରୁ ମିଳୁଥିବା ଅର୍ଥରେ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଛି । ଏହା ସହ ସରକାରଙ୍କ ଅଣଦେଖା ମଧ୍ୟ ଦାୟୀ ରହୁଛି ।

*କମୁଛି ଚାଷୀଙ୍କ ସଂଖ୍ୟା*

ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଲୁଣ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ଏଥିରୁ ଅର୍ଥ କମ ମିଳୁଥିବାରୁ ଯୁବପୀଢ଼ି ଏଥିପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି । ଏଥିପାଇଁ ସରକାରଙ୍କ ଲୁଣଚାଷୀଙ୍କ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା, ଉପଯୁକ୍ତ ସରଞ୍ଜାମର ଅଭାବ, ଲୁଣର ଉପଯୁକ୍ତ ମୂଲ୍ୟ ନ ମିଳିବା ଆଦି ଏହାର କାରଣ ବୋଲି ଅନେକ ଚାଷୀମାନେ କହିଥିଲେ । ଲୁଣର ଦରଦାମ ଚାଷୀ ଓ କ୍ରେତା ଉପରେ ନିର୍ଭର କରୁଥିବାରୁ ଅନେକ ସମୟରେ କ୍ଷତି ସହିବାକୁ ପଡୁଛି । ସୋସାଇଟିର ମଧ୍ୟ ସେମାନଙ୍କ ଠାରୁ ଲୁଣ କିଣୁନାହାଁନ୍ତି ଠିକ ଭାବରେ ଯଦି କିଣୁଛନ୍ତି

କମଦାମରେ କଣୁଛନ୍ତି ।

## ମଧୁର ଜଳ କମାଉଛି ଲୁଣ ଅମଳ

ହୁମ୍ମାର ପ୍ରାୟ ୧୫୦୦/୧୬୦୦ ଏକର ଜାଗାରେ ଲୁଣ ମରାଯାଉଥିଲା । ହେଲେ ଏହି ଅଞ୍ଚଳର କିଛି ଅଂଶ ଜବର ଦଖଲରେ ରହିଥିବା ବେଳେ ଆଉ କିଛି ଲାଭ ନମିଳିବାରୁ ସରକାରଙ୍କୁ ହସ୍ତାନ୍ତରିତ କରାଯାଇଛି । ବର୍ତ୍ତମାନ କେବଳ ୨୪୦ ଏକର ଜାଗାରେ ଲୁଣ ମରାଯାଉଛି । ପ୍ରତି ଏକରରେ ୩ଜଣ ଲୋକ କାମ କରନ୍ତି । ଲକ୍ଷ୍ମୀପୁର, ଝାଡ଼କୁଦା, ପୁଟିତାଲା, ଗଞ୍ଜାମ, ବନପାଲି, ହୁମ୍ମା ପ୍ରଭୃତି ଅଞ୍ଚଳର ଲୋକମାନେ ଏଠାରେ ଲୁଣ ମାରନ୍ତି । ଏହାସହ ଏଠାରେ ହୁମ୍ମା ଲବଣ କେନ୍ଦ୍ର ରହିଛି । ଯାହାକି ୧୯୪୨ ମସିହାରେ ଆରମ୍ଭ ହୋଇଥିଲା । ଭାରତ ସରକାରଙ୍କ ଲୁଣ ବିଭାଗ ଅଧିନରେ ଥିବା ଜମିକୁ ଏହି କେନ୍ଦ୍ର ଓ ସ୍ଥାନୀୟ ଲୋକଙ୍କୁ ସମସ୍ତ ଜାଗା ବନ୍ଧକ ଆକାରରେ ଦିଆଯାଇଥିବା ବେଳେ ଏଥିପାଇଁ ପ୍ରତିବର୍ଷ ୧୦୦ ଟଙ୍କା କର ଦେବାକୁ ପଡୁଛି । ସେହିଭଳି ଚିଲିକା ମୁହାଣରେ ମଧ୍ୟ ଲୁଣ ଅମଳ କରାଯାଉଛି । ହେଲେ ଏହି ଚିଲିକା ମୁହାଣ ଲବଣ ଚାଷୀମାନଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇ ଛିଡ଼ା ହୋଇଛି ଚିଲିକା ଉନ୍ନୟନବିଭାଗ ଦ୍ୱାରା ଚିଲିକାର ମୁହାଣ ଖୋଳି ଗଭୀର କରାଯାଇଛି ଯାହାଦ୍ୱାରା ମିଠା ଜଳ ଲୁଣି ପାଣିରେ ମିଶିବା ଦ୍ୱାରା ପାଣିରୁ ଲୁଣି ଅଂଶ କମୁଛି ଓ ଲୁଣ ଉତ୍ପାଦନ କମୁଛି । ସେହି ଭଳି ଗଞ୍ଜାମରେ ରହିଥିବା ସୋସାଇଟିରେ ବର୍ତ୍ତମାନ ୪୩୦ ଜଣ ସଭ୍ୟ ଅଛନ୍ତି । ଏହି ସୋସାଇଟିର କାର୍ଯ୍ୟନିର୍ବାହି ଭାବେ କେ ଦୂର୍ଯ୍ୟୋଧନ ରେଡ୍ଡୀ ଦାୟିତ୍ୱ ତୁଲାଉଛନ୍ତି । ଚଳିତ ବର୍ଷ ଏଠାରେ ପ୍ରାୟ ୩୦୦ ଏକର ଜମିରେ ଲୁଣ ମରାଯାଉଥିବା ବେଳେ ଏକର ପିଚ୍ଛା ୨୦ ଟନ ଲୁଣ ଅମଳ କରାଯିବା ସହ ସମୁଦାୟ ଅଞ୍ଚଳରୁ ୬୦୦ ଟନରୁ ଅଧିକ ଲୁଣ ମରାଯାଉଛି । ଚାଷୀମାନେ ଗୋଦାମରେ ବା ସୋସାଇଟିରେ ବସ୍ତା ପିଚ୍ଛା ୮୦ ରୁ ୧୦୦ ଟଙ୍କାରେ ବିକ୍ରୀ କରୁଥିବା ବେଳେ ସୋସାଇଟିକୁ ୪୦୦୦ ଟଙ୍କା ବାର୍ଷିକ ଦେବାକୁ ପଡ଼ିଥାଏ ଯେଉଁ ଟଙ୍କାରେ ଚାଷୀଙ୍କ ଜମିକୁ ପାଣି ମଡ଼ାଇବା ଓ ଅନ୍ୟାନ ତଦାରଖ କାର୍ଯ୍ୟରେ ଖର୍ଚ୍ଚ କରାଯାଇଥାଏ । ଏହାସହ ଗଞ୍ଜାମ ଗୋଟିଏ ବନ୍ୟା ପୀଡ଼ିତ ଅଞ୍ଚଳ ହୋଇଥିବାରୁ ଚାଷୀଙ୍କୁ ପ୍ରତି ବର୍ଷ କ୍ଷତି ସହିବାକୁ ପଡୁଛି । ଫାଇଲିନ ସମୟରେ ଚାଷୀମାନଙ୍କର ପମ୍ପ ହାଉସ ଭାଙ୍ଗି ଯିବା ସହ ଆହୁରି ଅନେକ କ୍ଷୟକ୍ଷତି ହୋଇଥିଲା ଯାହାର ଭରଣା ଏପର୍ଯ୍ୟନ୍ତ ଚାଷୀ ମାନେ କରିପାରି ନାହାନ୍ତି କି ସରକାରୀ ସହାୟତା ମଧ୍ୟ ମିଳିନାହିଁ ।

## ଲୋକଙ୍କୁ ଲୁଟୁଛି ସୋସାଇଟି

ଆସ୍ତେ ଆସ୍ତେ ଗଞ୍ଜାମ ସହ ଅନ୍ୟାନ୍ୟ ଅଞ୍ଚଳର ସୋସାଇଟି ମାନ ବନ୍ଦ ହେବାକୁ ଯାଉଛି । ଆଉ କିଛି ସୋସାଇଟି କ୍ଷତିରେ ଚାଲୁଥିବା ଆଳ ଦେଖାଇ ଲୋକଙ୍କ ଠାରୁ ଲୁଣ କିଣୁନାହାନ୍ତି ଓ କମ ଦରରେ କିଣୁଛନ୍ତି ଯାହା ବର୍ତ୍ତମାନ ଚାଷୀ ମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି । ଚାଷୀଙ୍କ ଖର୍ଚ୍ଚଠାରୁ ସେମାନେ ପାଉଥିବା ପାରିଶ୍ରମିକ ବହୁତ କମ ରହୁଛି । ତେଣୁ ଲୋକ ଲୁଣ ମାରିବାକୁ ଇଚ୍ଛା କରୁନାହାନ୍ତି । ଯଦି ଦେଖା ଯାଉଥିବା ସମସ୍ୟାର ସମାଧାନ ହୋଇପାରନ୍ତା, ସରକାରଙ୍କ ତରଫରୁ କିଛିଟା ସହାୟତା ମିଳନ୍ତା ଓ ଲୁଣର ଦର କିଛି ମାତ୍ରାରେ ବଢ଼ନ୍ତା । ତେବେ ଯୁବପୀଢ଼ିଙ୍କୁ ଏଥି ପ୍ରତି ଆଗ୍ରହ କରାଯାଇ ପାରନ୍ତା ବୋଲି ଅନେକ ଚାଷୀ ଓ ବିଶେଷଜ୍ଞ ମତ ଦିଅନ୍ତି ।

# ଓଡ଼ିଆଭାଷାର ଉନ୍ନତି ଓ ଆମେ



ଅଧ୍ୟାପକ ସୁଶାନ୍ତ କୁମାର ପୁରୋହିତ

ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ ସମୟ ଧରି ପ୍ରଚେଷ୍ଟା ଚାଲି ଥିଲେ ମଧ୍ୟ ଆଜିଯାଏ ଓଡ଼ିଆ ଭାଷା ସରକାରୀ ଭାଷା ହିସାବରେ ବ୍ୟବହାର ହୋଇ ପାରୁନାହିଁ । ତେବେ ଅଗଣିତ ଓଡ଼ିଆ ଭାଷାପ୍ରେମୀଙ୍କ ମନରେ ଏବେ ବିଶ୍ୱାସ ଜନ୍ମୁଛି ଯେ ହୁଏତ ସରକାର ବର୍ତ୍ତମାନ ଦୃଢ଼ତାର ସହ ଓଡ଼ିଆକୁ ସରକାରୀ ଭାଷା ଭାବେ ବ୍ୟବହାର ପାଇଁ ଅଣ୍ଟା ଭିଡ଼ିଛନ୍ତି । ସଂବାଦପତ୍ର ସୂଚନା ଅନୁସାରେ ସରକାର ବିଜ୍ଞପ୍ତି ପ୍ରକାଶ ମଧ୍ୟ କରିବେ । ତେବେ ବର୍ତ୍ତମାନ ଯାଏ ବିସ୍ତୃତ ବିବରଣୀ ମିଳିନାହିଁ ।

ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇ ପାରେ ଯେ ୧୯୫୪ ମସିହାରେ ହିଁ ପ୍ରଥମ କରି ଓଡ଼ିଆ ଭାଷାକୁ ସମସ୍ତ ପ୍ରକାର ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଆଇନ ହୋଇଥିଲା । ତେବେ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା । ତା ପରଠୁ ସମୟ ସମୟରେ ଓଡ଼ିଆଭାଷା ପ୍ରେମୀମାନଙ୍କ ଦ୍ୱାରା ଏହାକୁ ସବୁ କ୍ଷେତ୍ରର ବ୍ୟବହାର ପାଇଁ ଦାବି ହୋଉଥିଲା । କିଛି ନିଛକ ଓଡ଼ିଆ ପ୍ରେମୀ ଓଡିଆଭାଷାକୁ ସବୁ ସ୍ତରରେ ଲୋକପ୍ରିୟ କରିବାକୁ ପ୍ରଶଂଶନୀୟ ଉଦ୍ୟମ କରି ଆସୁଛନ୍ତି ।

ଦୁଃଖ ଲାଗେ ଯେତେବେଳେ ଓଡ଼ିଆ ସ୍କୁଲରୁ ପଢ଼ି ଉଚ୍ଚ ପଦବୀରେ ରହିଥିବା ଓଡ଼ିଆ ମାନେ ତାଙ୍କ ପିଲାଙ୍କୁ ଇଂରେଜୀ ମାଧ୍ୟମ ସ୍କୁଲରେ ତ ପଢ଼ାନ୍ତି, ସେଇ ପିଲାମାନେ ଓଡ଼ିଆ ପଢ଼ି ବି ଜାଣନ୍ତି ନାହିଁ, ଲେଖିବା ତ ଦୂରର କଥା । ଇଂରେଜୀ ମାଧ୍ୟମରେ ପାଠ ପଢ଼ିବା କିଛି ଭୁଲ ନୁହେଁ, କିନ୍ତୁ

ଓଡ଼ିଆ ପିଲା ଓଡ଼ିଆ ଲେଖି, ପଢ଼ି ନ ଜାଣିବା ଲଜ୍ଜ୍ୟାଜନକ କଥା । ସେ ଦଗରେ ଆମେ ମାନେ ସଚେତନ ହେବା କଥା ଓ ସରକାରୀ ସ୍ତରରେ ମଧ ଗୁରୁତ୍ୱର ସହିତ ବ୍ୟବସ୍ଥା ହେବା ଦରକାର ।

ଆମେ ଓଡ଼ିଆ, ଓଡ଼ିଆ ଆମର ମାତୃଭାଷା, ଶିଶୁ ଥିବା ବେଳେ ଆମେ ପ୍ରଥମେ କଥା କହି ଶିଖିଛୁ ଓଡ଼ିଆରେ 'ମା' ଡାକ ଦେଇ । ଓଡ଼ିଆ ଭାଷାର ପ୍ରଗ୍ଚର, ପ୍ରସାର ଆମର ଧର୍ମ । ଆମେ ଗ୍ଚହିଁଲେ ଉନ୍ନତ ହେବ ଆମ ମାତୃଭାଷାର । କେବଳ ସରକାର ଆଇନ କରିଦେଲେ ହେବ ନାହିଁ । ସହଯୋଗ ସମସ୍ତଙ୍କର ଦରକାର । ଗର୍ବରେ କହିବା 'ଆମେ ଓଡ଼ିଆ' ବୋଲି । ଆଜ ହିଁ କରନ୍ତୁ ପ୍ରଚେଷ୍ଟା । ସଫଳ ହେବେ ନିଶ୍ଚିତ, ଆନନ୍ଦ ପାଇବେ ଅପରିସୀମ ।

ମନେ ପଡ଼େ ଏହି ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଉତ୍କଳ ଗୌରବ ମଧୁସୂଦନ, ବ୍ୟାସକବି ଫକୀର ମୋହନ, ଭକ୍ତ କବି ମଧୁସୂଦନ ରାଓ ଆଦି କେତେ ପ୍ରଚେଷ୍ଟା କରି ନ ଥିଲେ । ଓଡ଼ିଆ ଭାଷାରେ ବ୍ୟାକରଣଟିଏ ମଧ ନ ଥିଲା । ସେଇ ମଧୁସୂଦନ ରାଓ ନିଜେ ଅଣଓଡ଼ିଆ ହୋଇ ସୁଦ୍ଧା ଲେଖିଥିଲେ ମଧୁ ବର୍ଣ୍ଣବୋଧ, ଯାହାକୁ ପଢ଼ି ଆମେ ଶିଖିଛୁ ଅ ଆ ଇ ଈ.... ଆଉ ଲେଖି ଶିଖିଛୁ ପ୍ରଥମ ଧାଡ଼ିଏ ଓଡ଼ିଆ । ହୁଏତ ସେହି ମହା-ମନୀଷୀମାନେ ଚେଷ୍ଟା କରି ନ ଥିଲେ ଆଜ ଓଡ଼ିଶାରେ ବଙ୍ଗାଳୀ ଭାଷା ଗ୍ଚଲୁ ଥାଆନ୍ତା, ଯେଉଁଥିପାଇଁ ଉଦ୍ୟମ ଜାରି ରହିଥିଲା ସେ କାଳରେ । ବିଲାତି ଶାସନ ଅମଳରେ ସ୍ୱର ଉଠୁଥିଲା 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' । ଆଜ ଓଡ଼ିଆ ବଞ୍ଚିଛି, ଓଡ଼ିଶା ବଞ୍ଚିଛି, ଆମ ଭାଷା ଓଡ଼ିଆ କାହିଁକି ଅବହେଳିତ ହେବ ?

ଓଡ଼ିଆ ଭାଷା ଏବେ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ ଲେଖି ମଧ ହେଲାଣି । ୱେବରେ ବହୁତ ଓଡ଼ିଆ ମାଧ୍ୟମ ପୁସ୍ତକ, ମାସିକ ପତ୍ରିକା, ସଂବାଦପତ୍ର ଉପଲବ୍ଧ ହେଲାଣି । କିଛି ସଚ୍ଚୋଟ ଓଡ଼ିଆଭାଷା ପ୍ରେମୀଙ୍କ ଉଦ୍ୟମକୁ ଏହି ପ୍ରସଙ୍ଗରେ ପ୍ରଶଂଶା ନ କରି ରହି ହେବନି । ଯେଉଁ କେତେଜଣ ନିଃସ୍ୱାର୍ଥପର ଭାବରେ କେବଳ ଓଡ଼ିଆ ଭାଷାର ଉନ୍ନତି ପାଇଁ କଠୋରେ ପରିଶ୍ରମ କରି ଅନ୍‌ଲାଇନ ଓଡ଼ିଆ ମାସିକ ପତ୍ରିକାର ପ୍ରଚଳନ କରିଛନ୍ତି ତାଙ୍କର ଅବଦାନ ମଧ ପ୍ରଶଂସନୀୟ । ଏ ଦଗରେ ପେଶାରେ ଚିକିତ୍ସକ ଥିବା ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଉଦ୍ୟମ ଉଲ୍ଲେଖନୀୟ । ସେ ଜଣେ ବିଶିଷ୍ଟ ଚିକିତ୍ସକ ହିସାବରେ ବହୁବ୍ୟସ୍ତତା ମଧରେ ରହି ମଧ ଦୀର୍ଘ ୧୧ ବର୍ଷ ଧରି ଓଡ଼ିଆ ଭାଷାରେ ଏକ ଅନ୍‌ଲାଇନ ମାସିକ ପତ୍ରିକା ବାହାର କରି ଆସୁଛନ୍ତି ନିରବଚ୍ଛିନ୍ନ ଭାବରେ । ନିଜ ହାତରୁ ଖର୍ଚ୍ଚ କରି ୱେବ୍ ସାଇଟ ଖୋଲି, ବିଳମ୍ବ ରାତି ଯାଏଁ ବସି ନିଜେ ଲେଖା ସମ୍ପାଦନା, ସଙ୍କଳନ ଆଦି କରି 'ଆହ୍ୱାନ' ନାମରେ ଇ-ପତ୍ରିକା ଟିଏ ଓଡ଼ିଆ ଜାତିକୁ ଉପହାର ଦେଇ ଆସୁଛନ୍ତି । ଆମେ ଋଣି ରହିବା ତାଙ୍କ ପାଖେ । ଆହୁରି ମଧ ଅନେକ ଆଗଭର ହେଇ ଅନଲାଇନରେ ଓଡ଼ିଆରେ ପତ୍ରିକା ସବୁ ବାହାର କଲେଣି । 'ଆମେ ଓଡ଼ିଆ' ମଧ ସେ ଭିତରୁ ଏକ ଅଗ୍ରଣୀ ପତ୍ରିକା ।

ତେବେ ଓଡ଼ିଆ ଭାଷାର ପ୍ରକୃତ ଉନ୍ନତିକରଣ ଓ ବହୁଳ ବ୍ୟବହାର ହୋଇପାରିବ ଯଦି ଆମେ ସମସ୍ତେ ପଣ କରିବା ଯେ ଆମେ ଦୈନିକ କିଛି ଓଡ଼ିଆ ଲେଖିବା, କିଛି ଓଡ଼ିଆ ପଢ଼ିବା ଓ ପଢ଼ାଇବା ।

ମୁ ନିଜେ କାର୍ଯ୍ୟବ୍ୟସ୍ତତା ମଝିରେ ରହି ସମୟ

ପାଉ ନ ଥିଲି ଓଡ଼ିଆରେ ଟାଇପ କରି ଶିଖିବାକୁ, ଇଚ୍ଛା ପ୍ରବଳ ଥିଲେ ମଧ୍ୟ । ୨ ବର୍ଷ ଆଗରୁ ଫେସବୁକରେ ଓଡ଼ିଆରେ ପୋଷ୍ଟ ଦେବାକୁ ଇଚ୍ଛା ହେଲା ଓଡ଼ିଆରେ । ଦୃଢ଼ ସଂକଳ୍ପ ନେଇ ଥରେ ଗତ ଅଧରେ ଉଠି ଓଡ଼ିଆ ଟାଇପ କରିବା ସଫ୍ଟୱେର ଡାଉନଲୋଡ଼ କଲି, ନିଜେ ନିଜେ ଶିଖିଲି । ସେ ଦିନ ସକାଳ କେତେବେଳେ ହୋଇଗଲା ଜାଣି ପାରିଲି ନାହିଁ । ଓଡ଼ିଆରେ ଗୋଟେ ଆଲେଖ୍ୟ ମଧ୍ୟ ଲେଖି ଦେଇ ତାକୁ ଫେସବୁକରେ ପୋଷ୍ଟ ମଧ୍ୟ କଲି । ସେଇ ଦିନ ମୋତେ ଏତେ ଆତ୍ମ ସନ୍ତୋଷ ମିଳିଲା ଯେ ତାକୁ ଭାଷାରେ ବର୍ଣ୍ଣନା କରି ହେବ ନାହିଁ । ତେବେ ନୂଆ ନୂଆ ଓଡ଼ିଆ ଟାଇପ କରୁଥିବାରୁ ଆଉ ଦୀର୍ଘ ୩୭ ବର୍ଷ ଧରି ଇଂରେଜୀରେ ସବୁ କାର୍ଯ୍ୟ କରୁଥିବାରୁ ସ୍ୱାଭାବିକ ଭାବେ କିଛି ବ୍ୟାକରଣଗତ ତ୍ରୁଟି ରହିଗଲା । ଜଣେ ବନ୍ଧୁ, ଯିଏ ନିଜେ କେବେ ଓଡ଼ିଆ ଟାଇପ କରି ଜାଣନ୍ତିନି ସେ ଆଉ କେତେକ ବନ୍ଧୁଙ୍କୁ ଟିପ୍ପଣୀ ଦେଉଥିବାର ଶୁଣିଲି ଯେ ମୋ ଓଡ଼ିଆ ଲେଖାରେ କୁଆଡ଼େ ଗୁରୁଚଣ୍ଡାଳ ଦୋଷ ରହିଛି । ତେବେ ମନ ଦୁଃଖ ହେଲା ନାହିଁ । ଭୁଲ ହେଉ ପଛେ ମୁଁ ତ ନିଜ ମାତୃଭାଷାରେ ହିଁ ଲେଖୁଛି । କିଛି ଟାଇପ ଗତ ଭୁଲଟା ବଡ଼ କଥା ନୁହେଁ, ସେ ସବୁ ସମୟ କ୍ରମେ ଠିକ ହେଇଯିବ । ବଡ଼ କଥା ହେଲା ଓଡ଼ିଆ ଲେଖିବା । ଆପଣ ମଧ୍ୟ ଚାହିଁଲେ ଓଡ଼ିଆରେ ନିଜେ ଅଳ୍ପ ପ୍ରଚେଷ୍ଟାରେ ଟାଇପ୍ କରିପାରିବେ, ଏଥିପାଇଁ ଆପଣଙ୍କୁ କୌଣସି ପ୍ରକାରର କୋର୍ସ୍ କରିବାକୁ ପଡ଼ିବ ନାହିଁ । ଆପଣ ଯେ କୌଣସି ବୟସର ହୋଇଥାଆନ୍ତୁ ନା କାହିଁକି, ଇଚ୍ଛା ଥିଲେ ସବୁ ସମ୍ଭବ ହୋଇପାରିବ । ଆଜ ହିଁ ଉଦ୍ୟମ କରି ଦେଖନ୍ତୁ, ନିଜ ମାତୃଭାଷାରେ ଦୁଇ ଗୁଟିଧାଡ଼ି ନିଜେ ଲେଖିପାରିଲେ କେତେ ଆନନ୍ଦ ମିଳେ ତାହା ଆପଣ ନିଜେ ଜାଣିପାରିବେ । ଆଜ ହିଁ ଉଦ୍ୟମ ଆରମ୍ଭ କରନ୍ତୁ ।

ତା' ପରଠାରୁ ଅନେକ ବନ୍ଧୁଙ୍କୁ ମୁଁ ଉତ୍ସାହିତ କରିଛି, ପ୍ରବର୍ତ୍ତାଇଛି ଓଡ଼ିଆ ଟାଇପ ଶିଖିବାକୁ, କିଛି ବନ୍ଧୁ ଅନତି ବିଳମ୍ବରେ ଖୁବ ସୁନ୍ଦର ଓଡ଼ିଆ ପୋଷ୍ଟ ସବୁ ମଧ୍ୟ ଦେଇ ପାରିବା ଦେଖି ଗଭୀର ଆନନ୍ଦ ଲାଗିଛି ।

ଅବସର ପ୍ରାପ୍ତ ଅଧକ୍ଷ , ସମ୍ବଲପୁର

# ଲୋକ ସାହିତ୍ୟର ବିକାଶଧାରା



ଗବେଷିକା ରଞ୍ଜିତା ପାତ୍ର

ବି.ଦ୍ର. : ପୂର୍ବ ସଂଖ୍ୟା ମାର୍ଚ୍ଚ ୨୦୧୬ରେ ପ୍ରକାଶ ପାଇଥିବା ଲେଖା 'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରବନ୍ଧଟିର ନାମ 'ଓଡ଼ିଆ ସାହିତ୍ୟର ବିକାଶଧାରା' ବୋଲି ପଢ଼ିବାକୁ ନିବେଦନ ।

ଜୀବନ ପାଇଁ କଳାର ସୃଷ୍ଟି । ଜ୍ଞାନ ଲାଭ ଉଦ୍ଦେଶ୍ୟରେ ହେଉ ଅବା ଆନନ୍ଦଦାନ ଉଦ୍ଦେଶ୍ୟରେ ହେଉ କିମ୍ବା ସମାଜ ସଂସ୍କାର ଉଦ୍ଦେଶ୍ୟରେ ହେଉ, ଲୋକନାଟକ ତାର ଲୋକପ୍ରିୟତା ବଜାୟ ରଖିଛି । ଲୋକ ଜୀବନର ଚଳଚଞ୍ଚଳ ବାସ୍ତବ ପ୍ରତିଛବିକୁ ଉପସ୍ଥାପିତ କରୁଥିବାରୁ ଲୋକନାଟକର ଖୁବ୍ ଆଦର ରହିଛି । ବୃଦ୍ଧିମାଠାରୁ ଶ୍ରେଷ୍ଠ ଚପଳ ବାଳକ ପର୍ଯ୍ୟନ୍ତ ସମସ୍ତେ ଲୋକନାଟକର ମୋହରେ ବଶୀଭୂତ । ସମୟ କ୍ରମେ ଲୋକନାଟକରେ ବିଭିନ୍ନ ପରିବର୍ତ୍ତନ ଓ ପରିମାର୍ଜନ ଘଟିଛି । ଲୋକନାଟକ କୌଣସି ଗୋଟିଏ ନୃତ୍ୟ ବା ନାଟକକୁ ବୁଝାଇ ନଥାଏ । ଅଞ୍ଚଳ ଭେଦରେ ଲୋକନାଟକ ପରିବର୍ତ୍ତନ ହେବାର ଦେଖାଯାଏ । ଏହି ସବୁ ଲୋକନାଟକ ଲୋକଜୀବନକୁ ପରିମାର୍ଜନ କରି ଆନନ୍ଦ ପ୍ରଦାନ କରେ । ସାଧାରଣ ଅଶିକ୍ଷିତଙ୍କ ଠାରୁ ଜ୍ଞାନୀ ପର୍ଯ୍ୟନ୍ତ ସମସ୍ତେ ଲୋକନାଟକର ମୋହରେ ରାତ୍ରି ଉଜାଗର ରହନ୍ତି । ସମାଜର ସବୁ ଶ୍ରେଣୀ, ସବୁ ବର୍ଗର ଲୋକେ ଲୋକନାଟକର ରସ ଉପଲବ୍ଧି କରି ପରିତୃପ୍ତ ହୁଅନ୍ତି । ହାସ୍ୟ, ବ୍ୟଙ୍ଗ, ଶୃଙ୍ଗାର, ବାତ୍ସଲ୍ୟ, କରୁଣା, ବୀର ଆଦି ରସର ସମାବେଶରେ ଲୋକନାଟକ ହୁଏ ପରିପୃଷ୍ଟ ।

ଲୋକନାଟକର ବିଭିନ୍ନ ରୂପକୁ ନିମ୍ନରେ

ଆଲୋଚନା ପରିସରଭୁକ୍ତ କରାଗଲା ।

ଲୋକନାଟକ

୧. ଲୀଳା

୨. ଯାତ୍ରା

୩. ସୁଆଙ୍ଗ

୪. ଅନ୍ୟାନ୍ୟ ନାଚ/ନାଟ

ଲୀଳା : -

ସମୟ କ୍ରମେ ଲୀଳା ପରିବର୍ତ୍ତିତ ହୋଇଛି । ଓଡ଼ିଶାର ବିଭିନ୍ନ ପ୍ରକାର ଲୀଳା ରଚିତ ହୋଇ ଅଭିନୀତ ହେବାର ଦୃଷ୍ଟିଗୋଚର ହୁଏ । ଏଥି ମଧ୍ୟରେ ରାମଲୀଳା ଓ କୃଷ୍ଣଲୀଳା ପ୍ରମୁଖ । ଧାର୍ମିକ ଉଦ୍ଦେଶ୍ୟ ନେଇ ଏହି ସବୁ ଲୀଳାର ସୃଷ୍ଟି ।

ରାମଲୀଳା - ଦ୍ୱାପର ଯୁଗରେ ପ୍ରଭୁ ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଓ ଜୀବନୀକୁ ଗୀତ ମାଧ୍ୟମରେ ରାମଲୀଳାରେ ପ୍ରକାଶ କରାଯାଇଥାଏ । ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣ ବା ବିଶି ରାମାୟଣକୁ କେତେଜଣ ସମାଲୋଚକ ପ୍ରଥମ ଲୀଳାର ଗୌରବ ଦେଇଛନ୍ତି । ରାମାୟଣ, ମହାଭାରତ, ହରିବଂଶର ବିଷୟବସ୍ତୁ ରାମଲୀଳାରେ ପ୍ରକାଶିତ ହୋଇଥାଏ । ବିଭିନ୍ନ ଅଞ୍ଚଳରେ ରାମନବମୀଠାରୁ ସାତଦିନ ବ୍ୟାପୀ ଏହି ଲୀଳା ପରିବେଷିତ ହୋଇଥାଏ । ପାତ୍ରପାତ୍ରୀମାନେ ପଦ୍ୟ, ଗଦ୍ୟ ଅଥବା ଏକ ମିଶ୍ରିତ ସଂଳାପ ପ୍ରୟୋଗ କରିଥାନ୍ତି । ସାଙ୍ଗୀତିକତା ଏହାର ମୌଳିକ ଲକ୍ଷଣ । ଲୀଳାର ଅଭିନବ ପରିବେଷଣ ଶୈଳୀ ଦର୍ଶକକୁ ଆନନ୍ଦ ଦେଇଥାଏ । ମନୋରଞ୍ଜନ ସାଙ୍ଗକୁ ଆଧାତ୍ମିକ ଭାବନା ସୃଷ୍ଟି କରିବାରେ ରାମଲୀଳାର ଗୁରୁତ୍ତ୍ୱ ଖୁବ୍ ଅଧିକ ।

କୃଷ୍ଣଲୀଳା - ଏହାକୁ ରାସଲୀଳା ବା ସ୍ଥଳ ବିଶେଷରେ ରାଧାପ୍ରେମଲୀଳା ବୋଲି ମଧ୍ୟ କୁହାଯାଏ । ସମଗ୍ର ଭାରତ ବର୍ଷରେ କୃଷ୍ଣଲୀଳା ପ୍ରଦର୍ଶିତ ହୁଏ । ଭିନ୍ନ ଭିନ୍ନ ରାଜ୍ୟରେ ଭାଷା ଓ ଭାବନାର ବିଭିନ୍ନତାରେ ଥାଏ କିନ୍ତୁ ଶ୍ରୀକୃଷ୍ଣଙ୍କ ବାଲ୍ୟ ଏବଂ ଯୌବନରେ ଘଟିଥିବା ଘଟଣାବଳୀର ବ୍ୟାଖ୍ୟା ଓ ପ୍ରଦର୍ଶନ ।

ମାତ୍ର ପରବର୍ତ୍ତୀ କାଳରେ ଏହା ବିଭିନ୍ନ ଋତୁରେ ପ୍ରଦର୍ଶିତ ହୋଇ ଲୋକପ୍ରିୟତା ପାଇପାରିଛି । ବିଶେଷ କରି ଭାଗବତର ବିଷୟ ବସ୍ତୁ ନେଇ ରାମଲୀଳା ରଚିତ ଓ ଅଭିନିତ ହୋଇଥାଏ । କୃଷ୍ଣଲୀଳା ସଂପର୍କିତ ଅନେକ ପୁସ୍ତକ ପ୍ରକାଶିତ ହୋଇ ଅଭିନୀତ ହୋଇଛି ଏବଂ ଜନପ୍ରିୟତା ପାଇଛି । ସାରଳାଦାସଙ୍କ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ କୃଷ୍ଣଲୀଳାତ୍ମକ ଗ୍ରନ୍ଥର ଆଦର ରହିଛି ।

ଯାତ୍ରା - 'ଯା' ଧାତୁରୁ ଯାତ୍ର ଶବ୍ଦର ଉତ୍ପତ୍ତି । ଯାତ୍ରା ଶବ୍ଦଟି ସମୟକ୍ରମେ ବିସ୍ତାରିତ ସଂଜ୍ଞା ଓ ରୂପ ଗ୍ରହଣ କରିଛି । ସମାଲୋଚକ ଡ: ନୀଳାଦ୍ରୀ ଭୂଷଣ ହରିଚନ୍ଦନ ଯାତ୍ରା ଶବ୍ଦଟିକୁ ବୁଝାଇବାକୁ ଯାଇ ଲେଖିଛନ୍ତି - ଯାତ୍ରାର ନିର୍ଦ୍ଦିଷ୍ଟ ଆଙ୍ଗିକ ନାହିଁ । ଏହାର ପରିସର ପ୍ରୟୋଜନ ବୋଧରେ ବିସ୍ତୃତ ବା ସଙ୍କୁଚିତ । ଦର୍ଶକ ମାନଙ୍କର ରୁଚି ଓ ସ୍ଥାନୀୟ ପରିବେଶ ଅନୁସାରେ ଯାତ୍ରାର ମୂଳ କଥାବସ୍ତୁ ସହିତ ମଝିରେ ମଝିରେ ପ୍ରହସନ, ନୃତ୍ୟ ସଂଗୀତ, ବାଦ୍ୟ ଇତ୍ୟାଦି ଉପାଦାନର ଉପଯୋଗ କରାଯାଇଥାଏ । ସାଧାରଣ ଲୋକେ ଯାତ୍ରାରୁ ନବରସ ଆସ୍ୱାଦନ କରିବାକୁ ଇଚ୍ଛା କରନ୍ତି ।

*ସୁଆଙ୍ଗ* - ସାମାଜିକ ସଂସ୍କାର ଆଣିବା ଦିଗରେ ସୁଆଙ୍ଗ ରଚିତ ଓ ପ୍ରଦର୍ଶିତ ହୋଇଥାଏ । ସୁଆଙ୍ଗ ରଚନା ଦୃଷ୍ଟିରୁ ନାଟକ ଏବଂ ଗୀତିନାଟ୍ୟ ଠାରୁ ଆକାରରେ କମ୍ । ତେଣୁ ଅଭିନୟକାଳ ମଧ୍ୟ କମ୍ ହୋଇଥାଏ । ଏହି ସୁଆଙ୍ଗ ପ୍ରଥମେ ମୌଖିକ ଆକାରରେ ପ୍ରଚଳିତ ହେଉଥିଲା । ପରବର୍ତ୍ତୀ ସମୟରେ ଏହା ଲିଖିତ ରୂପ ଧାରଣ କରିପାରିଛି । ନିମ୍ନରେ କିଛି ଲିଖିତ ସୁଆଙ୍ଗର ଉଦାହରଣ ଦିଆଗଲା;

ସାରଳା ଦାସଙ୍କ 'ଲକ୍ଷ୍ମୀନାରାୟଣ ବଚନିକା', ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', ବନ୍ଧୁ ନାୟକଙ୍କ 'ସୁଲୋଚନା ହରଣ' ଇତ୍ୟାଦି ।

ଏହି ସବୁ ବିଭାଗ ବ୍ୟତୀତ ବିଭିନ୍ନ ନୃତ୍ୟ ବା ନାଟ ଲୋକନାଟକର ଶ୍ରେଣୀଭୁକ୍ତ । ପ୍ରାଦେଶିକ ଓ ଆଞ୍ଚଳିକ ଭେଦରେ ବିଭିନ୍ନ ନୃତ୍ୟ ରହିଛି । ନୃତ୍ୟ ମନୁଷ୍ୟର ସହଜାତ ପ୍ରବୃତ୍ତି ହୋଇଥିବାରୁ ବହୁ ଆଦିମକାଳରୁ ଏହାର ସୃଷ୍ଟି । ଛଉନୃତ୍ୟ, କୈଶବାଡ଼ି ନୃତ୍ୟ, ଦଣ୍ଡନାଚ, ଚଢ଼େୟାଚଢ଼େୟାଣୀ ନାଚ, ବଣିନାଚ, ବହୁରୂପୀ ନାଚ ଆଦି ନୃତ୍ୟ ଲୋକନାଟକର ପର୍ଯ୍ୟାୟଭୁକ୍ତ ।

*ଲିଖିତ ସାହିତ୍ୟ : -*

ଲିଖିତ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇ, ଆଲୋଚନା ପରିସରଭୁକ୍ତ କରାଯାଇପାରେ । ଯଥା

(କ) ଅଭିଲେଖ ସାହିତ୍ୟ, (ଖ) ଲିଖିତ ସାହିତ୍ୟ

*(କ) ଅଭିଲେଖ ସାହିତ୍ୟ* : ପ୍ରାଚୀନ କାଳରେ ଲିଖିତ ମାଧ୍ୟମ ମୁଖ୍ୟତଃ ତିନିଗୋଟି ମାଧ୍ୟମରେ ପ୍ରକାଶିତ ହେଉଥିଲା । ଯଥା ତାଳପତ୍ର ପୋଥି, ତାମ୍ର ଫଳକ ଓ ଶିଳାଲେଖ । ଏସବୁରେ ପ୍ରକାଶିତ ଲେଖାକୁ ଅଭିଲେଖ ସାହିତ୍ୟ କୁହାଯାଏ । ତାଳପତ୍ର ଓ ତାମ୍ର ଫଳକକୁ ଛାଡ଼ିଦେଲେ ଅତୀତରେ ଶିଳାଲେଖର ପ୍ରମୁଖତ୍ୱ ଥିଲା । ଏହି ସବୁ ଶିଳାଲେଖରେ ପ୍ରକାଶିତ ଦେଶ ଓ ଜାତିର ବିବରଣୀ ଥିଲା ଖୁବ୍ ଲୋକପ୍ରିୟ । ବିଜ୍ଞାପନ ପ୍ରକାଶିତ କରିବାର ଏକ ଲୋକପ୍ରିୟ ମାଧ୍ୟମ ମଧ୍ୟ । ରାଜ୍ୟଜୟ ହେଉ ବା ରାଜାଙ୍କ ଗୁଣକୀର୍ତ୍ତନ ହେଉ, ଏସବୁ ଶିଳାଲେଖା ମାଧ୍ୟମରେ ବିଜ୍ଞପ୍ତି କରାଯାଉଥିଲା । ଏହି ଶିଳାଲେଖ ଥିଲା ବହୁସ୍ଥାୟୀ ମାଧ୍ୟମ । ଲିଖିତ ସାହିତ୍ୟର ଏକ ବଳିଷ୍ଠ ମାଧ୍ୟମ । ନିମ୍ନରେ ଓଡ଼ିଶାର ପ୍ରସିଦ୍ଧ କେତେକ ଶିଳାଲେଖ ଗୁଡ଼ିକର ବିବରଣୀ ପ୍ରଦାନ କରାଗଲା;

**ଭିରଜାମ ଶିଳାଲେଖ** - ବର୍ତ୍ତମାନ ମାନ୍ଦ୍ରାଜ ସଂଗ୍ରହାଳୟରେ ଅବସ୍ଥାପିତ । ଏହି ଶିଳାଲେଖକୁ ସର୍ବପ୍ରାଚୀନ ଶିଳାଲେଖର ମାନ୍ୟତା ଦିଆଯାଏ । ୧୦୫୧ ଖ୍ରୀଷ୍ଟାବ୍ଦରେ ରାଜା ଅନନ୍ତ ବର୍ମା ଦେବଙ୍କ ସମୟରେ ଖୋଦିତ ହୋଇଥିଲା । ଏହି ଶିଳାଲେଖ ପ୍ରଥମେ ଚିକାକୋଲ ଜିଲ୍ଲାର (ତତ୍କାଳୀନ ଗଞ୍ଜାମ ଜିଲ୍ଲା) ଭିରଜାମ ଗ୍ରାମରେ ଅବସ୍ଥିତ ଥିଲା । ଏଥିରେ ତିନୋଟି ଭାଷାର ପ୍ରାଧାନ୍ୟ ଲକ୍ଷ୍ୟ କରାଯାଏ । ଯଥା - ଓଡ଼ିଆ, ବିକୃତ ସଂସ୍କୃତ ଓ ତେଲୁଗୁ । ଏହାର ଲିପି ନାଗରୀ ବା ଦକ୍ଷିଣ ନାଗରୀ । ଏହି ଶିଳାଲେଖଟିରେ ୨୧ଟି ଧାଡ଼ି ରହିଛି ।

**ଭୁବନେଶ୍ୱରସ୍ଥ ଦ୍ୱିଭାଷୀୟ ଶିଳାଲେଖ** - ବର୍ତ୍ତମାନ କଲିକତା ବିଶ୍ୱବିଦ୍ୟାଳୟର ଆଶୁତୋଷ ସଂଗ୍ରହାଳୟରେ ଅବସ୍ଥାପିତ । ଓଡ଼ିଶା ଭୂଖଣ୍ଡରୁ ଆବିଷ୍କୃତ ସର୍ବପ୍ରାଚୀନ ଶିଳାଲେଖ । ୧୪୨୭ ଖ୍ରୀଷ୍ଟାବ୍ଦରେ ରାଜା ଦ୍ୱିତୀୟ

ନରସିଂହଦେବଙ୍କ ରାଜତ୍ୱ ସମୟରେ ଖୋଦିତ ହୋଇଥିଲା । ଏହି ଶିଳାଲେଖ ପ୍ରଥମେ ଭୁବନେଶ୍ୱର କେଦାରଗୌରୀ ମନ୍ଦିର ନିକଟରୁ ମିଳିଥିଲା । ଏହି ଶିଳାଲେଖରେ ଦୁଇଗୋଟି ଭାଷାରହିଛି । ଓଡ଼ିଆ ଏବଂ ତାମିଲ । ଶିଳାର ଗୋଟିଏ ପାର୍ଶ୍ୱରେ ଓଡ଼ିଆ ଏବଂ ଅନ୍ୟ ପାର୍ଶ୍ୱରେ ତାମିଲ ଭାଷାରେ ଲେଖା ହୋଇଛି । ଏବଂ ଶିଳାରେ ସମୁଦାୟ ୩୪ଟି ଧାଡ଼ି ଲେଖା ରହିଛି ।

**ଲିଙ୍ଗରାଜ ମନ୍ଦିର ଶିଳାଲେଖ** - ଭୁବନେଶ୍ୱରରେ ଅବସ୍ଥିତ ଲିଙ୍ଗରାଜ ମନ୍ଦିରର ପ୍ରବେଶ ଦ୍ୱାରରେ ଦକ୍ଷିଣ ପାର୍ଶ୍ୱରେ ଶିଳାଲେଖ ରହିଛି । ଏହାର ଦ୍ୱିତୀୟ ଶିଳାଲେଖଟି କପିଳେନ୍ଦ୍ର ଦେବଙ୍କ ୪ ଅଙ୍କରେ ଖୋଦିତ । ଅର୍ଥାତ ୧୪୩୭ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଛି । ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶନାମା ଏଥିରେ ବର୍ଣ୍ଣିତ ହୋଇଛି । ଧାଡ଼ି ସଂଖ୍ୟା ଛଅ ।

**ଜୟବିଜୟ ଶିଳାଲେଖ** - ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣପାର୍ଶ୍ୱସ୍ଥ ଦ୍ୱିତୀୟ ଶିଳାଲେଖଟି ଜୟବିଜୟ ଶିଳାଲେଖା ଭାବରେ ଗୃହୀତ । ଶିଳାଲେଖଟି ପ୍ରତାପରୁଦ୍ର ଦେବଙ୍କ ୧୯ଶ ଅଙ୍କରେ ଖୋଦିତ । ଅର୍ଥାତ ୧୫୦୦ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଛି । ଧାଡ଼ି ସଂଖ୍ୟା ନଅ ।

ଓଡ଼ିଆ ଭାଷାରେ ରଚିତ ଏହି ଶିଳାଲେଖଟିରେ ତତ୍‌ସମ ଓ ତଦ୍‌ଭବ ଶବ୍ଦର ବହୁଳ ବ୍ୟବହାର ହୋଇଛି । କୁଞ୍ଜବିହାରୀ ଦାସଙ୍କ 'Evolution of Oriya Language and Script' ପୁସ୍ତକରେ ଏହି ଶିଳାଲେଖ ବିଷୟରେ ଉଲ୍ଲେଖ ରହିଛି । କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଏବଂ ପ୍ରତାପରୁଦ୍ର ଦେବଙ୍କ ସମୟରେ ବହୁ ଶିଳାଲେଖ ଆବିଷ୍କୃତ ହୋଇଛି । ଗଦ୍ୟ ସାହିତ୍ୟର ବିକାଶରେ ଏହି ସବୁ ଶିଳାଲେଖର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଐତିହାସିକ ତଥ୍ୟ ଓ ଚିତ୍ର ପ୍ରଦାନ ହେତୁ ଏହି ସବୁ ଶିଳାଲେଖର ମହତ୍ତ୍ୱ ଅତ୍ୟନ୍ତ ଅଧିକ । ଏହିସବୁ ଶିଳାଲେଖ ସାହିତ୍ୟ ବୈଜ୍ଞାନିକ ଅନୁଶୀଳନର ଅପେକ୍ଷା ରଖେ ।

କ୍ରମଶଃ...

ଶାନ୍ତି ନିକେତନ, କୋଲକାତା

# ବାସ୍ତବତା



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ତୁମେ ପଗ୍ଘର ବୁଝି ବ ଯାଅ
ଏ ଚଲାପଥରେ କଣ୍ଟକ ସୁଅ
ତୁମେ ଭାବ ମୁଁ ଭୂଲିଗଲି ସହଜରେ
ତୁମ କଥା ସତରେ କି ଭୂଲିପାରେ
ତୁମ ଚଲାପଥର
ଗ୍ରେର ବାଲିଘରରେ
ମୋ ବାସ୍ତବ ଟା
ତୁମଠାରୁ ଅଗୋଚରରେ
ତୁମେ କୁହ
କଣ ଗୃହଁ ଏଥର
ମୋକ୍ଷ ନା ନିର୍ବାଣ
କାମ୍ୟ ନା ଦେହ ମୋର

ନାୟିକା...
ପଶାପାଲିରେ ମୁଁ ନିରୁପାୟ
ହାରଯାଇଥିବା ତୁମ ନାୟିକା
ତୁମ ଦର୍ପ ପୌରୁଷ ତଳେ
ଦବ ରହିଥିବା ଏକ ଚର୍ଚ୍ଚିତ ପ୍ରେମିକା
ସୁଖ ମନାସୁଥିବା ଅହରହ ତୁମର
ଅଶ୍ରୁଧାରେ ଭିଜ ତୁମ କାମନାରେ
ଅପହଞ୍ଚ ସେ ପୃଥିବୀରେ
ତୁମର ସେଠାକୁ ମନା ଆସିବାରେ

ପାଞ୍ଚାଳି...
କୃଷ୍ଣ ତୁମେ କୁହ ଥରେ ଗୀତକୁ
ଭଲପାଅ ବୋଲି ତୁମ କୃଷ୍ଣାକୁ
ତୁମେ ନୀଳବର୍ଣ୍ଣ ମୁଁ ତୁମ ନୀଳତମାଳ

ମୋ ପାଶରେ ନାହିଁ ଏ କୁରୁସଭାସ୍ଥଳ
ପଞ୍ଚପତି ମୋ ଅଭିମାନର ସଞ୍ଜ୍ଞା
ଭଲପାଅ ଦଅ କହ ନ ରଖି ଶଙ୍କା
ତୁମ ପଯ୍ୟର ସଖା ସମ ଅର୍ଜୁନର
ହୃଦୟରେ ଜାତ  କ୍ଷୋଭ ଅନୁଶୋଚନାର
ସଖା ତୁମେ କୁହ
ପ୍ରେୟସୀରୁ ମୁଁ ପ୍ରେମପାଗଳ
ମହାଭାରତ ଯୁଦ୍ଧର ଖଳନାୟିକା କଣ ଏ  ପାଞ୍ଚାଳ... ? ? ?

# ନିଷ୍ଠୁର



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ତୁମେ ଏକ ନିଷ୍ଠୁର ପ୍ରେମିକ ଧରିତ୍ରୀର
ଏ ବେଳାରେ  ବର୍ଷା ଧରଣୀରେ ଅଗ୍ନିର
ଘମାକ୍ତ ତାତଲ୍ ଶରୀରକୁ
ଓହ୍ଲାଇ ଆସ ଶାନ୍ତ କରିବାକୁ
କେତେ ଯେ ସେ ଅନୁକୋଣରେ ଭରେ
ସେ ଆର୍ଦ୍ରତାର ବାରିଧାରାରେ
ତୁମ ସହ ନେଇ ଆସ
ଶାନ୍ତ ସ୍ନିଗ୍ଧ ସାଥୀଗଣ
ରୁକ୍ଷଭରା ଅବୟବକୁ ତାର
ଧୌତକରି ପଲ୍ଲବୀତ କର
ଯୌବନଭରା ଶରୀରେ
ପ୍ରେମ ଭର
ସେ ହସେ
ପୁଣି ସେଥିରେ ମହକ ଭରେ
ସେ ସବୁଜ ହୁଏ
ଶ୍ୟାମଳାଂନଗୀ ଚେହେରାରେ
ସୁବର୍ଣ୍ଣ ଭରେ
ତାର ହସରେ ମନ୍ତ୍ରମୁଗ୍ଧ
ତୁମେ  ପ୍ରେମିକ ଅପାଶୋରା
ହଜଯାଏ ନିଜର ପରିଚୟ ନିଆରା
ମାନବ ତୁମେ ଆକାଶର
ଓହ୍ଲାଇ ଆସିଛ ଗୀତ ପ୍ରେମର

ପ୍ରିୟାକୁ କରବାକୁ ଆଲଙ୍ଗନ
ଆଉ ବୁଝେନା ଏ ମନ
ଏକାକାର ହେବାକୁ
କଛି ମୂହୁର୍ତ୍ତ ଉପଭୋଗ କରବାକୁ
ତାର ଗହଣରେ ରହବାକୁ
ଟିକକ ସାନ୍ନଧ ପାଇଁ ତାର ପାଖରେ
କ ଅଳ ଓ ମିନତ ତା ପ୍ରେମ ଭକ୍ଷାରେ
ସେ ପ୍ରଗଲ୍ଭ ନାରୀ
ସେ ହାରଯାଏ
ତୁମ କାମୁକତା ଆବେଗରେ
ସମ୍ପୂର୍ଣ୍ଣ ସମର୍ପଣ ଭବରେ
ଧରାଦଏ ତୁମ ବନ୍ଧନରେ
ସେ ତୁମର
ତୁମେ ଅପ୍ରତଦ୍ୱନ୍ଦୀ
ତୁମେ କାଳଜୟୀ
ତୁମ ଅପରାଜୟରେ
ସେ ଖୁସି ହୁଏ
ବଦାୟ ନଏ
ପୁଣି ଆସିବାକୁ ଅନୁନୟ ହୁଏ
ସେ ଜାଣେ
ନଦାଘ ହିଁ ତାର
ପ୍ରଥମ ପ୍ରେମର
ସୋପାନ ମିଳନର
ଅଭଭୂତ ଆତ୍ମାର
ଏ କେବଳ କଳ୍ପନାର
ନୁହେଁ ଗ୍ଭରମୀନାର
ଏ ସୌଧ ବାସ୍ତବର
ବର୍ଷାର ତାର ପ୍ରେମିକା
ଏ ଅନୁନୟ ଆକାଶ ର
ପୃଥିବୀ କୁ ଭଜାଇ
ନଜେ ହଜବାର
ପ୍ରେମରେ ଏ ସମ୍ପର୍କର
ଚର ସ୍ମରଣୀୟ ଓ ସଙ୍ଗୀତ ସରଗର

# ଶ୍ରୀକାକୁଳମର କୁର୍ମନାଥସ୍ୱାମୀ ମନ୍ଦିର



ଶ୍ରୀ ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଉତ୍ତର ଆନ୍ଧ୍ରପ୍ରଦେଶରେ ଶ୍ରୀକାକୁଳମ୍ ଜିଲ୍ଲାର ମୁଖ୍ୟାଳୟ ଶ୍ରୀକାକୁଳମ୍ ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ ଗାରାମଣ୍ଡଳର ଶ୍ରୀକୁର୍ମମ ଗ୍ରାମରେ ଅବସ୍ଥିତ ଶ୍ରୀ କୁର୍ମନାଥସ୍ୱାମୀ ମନ୍ଦିର, ଏକ ପ୍ରସିଦ୍ଧ ମନ୍ଦିର । ମହାବିଷ୍ଣୁଙ୍କ କୁର୍ମ ଅବତାରକୁ ଏହି ମନ୍ଦିରରେ ପୂଜା କରାଯାଏ । ବିଷ୍ଣୁଙ୍କ ଦଶାବତାରର ଦ୍ୱିତୀୟ ଅବତାର କୁର୍ମ ଅବତାର । ସମଗ୍ର ଭାରତରେ ଦଶାବତାର ମଧ୍ୟରୁ କୁର୍ମାବତାରର କୌଣସି ମନ୍ଦିର ନାହିଁ ।

### *ମନ୍ଦିରର ବିଶେଷତ୍ୱ*

ଲିଖିତ ଇତିହାସ ଅନୁସାରେ ଏହି ମନ୍ଦିର ୧୨୮୧ ଖ୍ରୀଷ୍ଟପୂର୍ବରେ ନିର୍ମିତ ହୋଇଥିଲା । ସେହି ସମୟରେ ଏହି ମନ୍ଦିର ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା କୁର୍ମକ୍ଷେତ୍ର ନାମକ ଏକ ପବିତ୍ର ସ୍ଥାନରେ ସ୍ଥାପିତ ହୋଇଥିଲା । ଶ୍ରୀ ରାମାନୁଜାଚାର୍ଯ୍ୟ ପୁରୀ ଶ୍ରୀ ଜଗନ୍ନାଥ ଦେବଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହି ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଜନରବ ଶୁଣାଯାଏ । ପରେ ଏହି ମନ୍ଦିର ବିଜୟନଗରମ୍ ରାଜପରିବାର ଅଧିନକୁ ଆସିଥିଲା । ମନ୍ଦିରର ଦେବତାଙ୍କୁ ମାଧବାଚାର୍ଯ୍ୟ ସଂପ୍ରଦାରର ବୈଷ୍ଣବମାନେ ପୂଜା କରିବାର ପରମ୍ପରା ସ୍ଥାପିତ ହୋଇଥିଲା । ଏହି ମନ୍ଦିରରେ କିଛି ଓଡ଼ିଆ ଲିଖିତ ପୋଥି ମଧ୍ୟ ରହିଛି ଯାହା ମାଧବାଚାର୍ଯ୍ୟଙ୍କ ଶିଷ୍ୟ ଶ୍ରୀ ନରହରି ତୀର୍ଥଙ୍କ ଦ୍ୱାରା ଲିଖିତ ବୋଲି ଜଣାଯାଏ । ସେ ପରେ ପରେ କଳିଙ୍ଗ ଅଞ୍ଚଳର ଶାସନଭାର ଗ୍ରହଣ କରି ଶବର ମାନଙ୍କ ସହ ଯୁଦ୍ଧ କରିଥିଲେ ଏବଂ ମନ୍ଦିରକୁ



କ୍ଷୟମୁଖରୁ ବଞ୍ଚାଇଥିଲେ । ନରହରି ତୀର୍ଥ ଜଣେ ଅତ୍ୟନ୍ତ ଧାର୍ମିକ ଏବଂ ଶକ୍ତିଶାଳୀ ରାଜା ଥିଲେ ଏବଂ ସେ ଖ୍ରୀଷ୍ଟପୂର୍ବ ୧୨୦୩ ଶତାବ୍ଦୀରେ ମୃତ୍ୟୁବରଣ କରିଥିଲେ । ଏହି ମନ୍ଦିରର ନିର୍ମାଣ ଯୋଗାନନ୍ଦ ନରସିଂହଦେବଙ୍କ ନାମରେ କରାଯାଇଥିଲା । ଏହି ମନ୍ଦିର ଓଡ଼ିଶୀ ମନ୍ଦିର ନିର୍ମାଣ ଶୈଳୀରେ ନିର୍ମିତ ହୋଇଛି । ବିଗତ ଦଶ ଶତାବ୍ଦୀ ମଧ୍ୟରେ ଏହି ମନ୍ଦିରର ବାହ୍ୟ ଅଂଶକୁ ଅନେକ ଥର ଭଙ୍ଗା ଓ ଗଢ଼ା ଯାଇଛି । ବର୍ତ୍ତମାନ ଶୋଭା ପାଉଥିବା ମନ୍ଦିରର ନିର୍ମାଣ ଶେଷଥର ଅନ୍ୟୁନ ସାତଶହ ବର୍ଷ ତଳେ ହୋଇଥିଲା । ମନ୍ଦିରର ଗୋପୁରଂ ବା ଶିଖର ପ୍ରାୟ ୨୦୦୦ ବର୍ଷ ପୁରୁଣା । ଏହା ବିଶ୍ୱର ଏକ ଅନନ୍ୟ ମନ୍ଦିର ଯେଉଁଠାରେ ମନ୍ଦିରରେ ଦ୍ୱୈତ ଶିଖର ଓ ଧ୍ୱଜସ୍ତମ୍ଭ ଦେଖାଯାଏ । ଏବଂ ଏହା ବିଶ୍ୱର ଦ୍ୱିତୀୟ ମନ୍ଦିର ଯେଉଁଠି ଦୁର୍ଗାଙ୍କୁ ବୈଷ୍ଣୋଦେବୀ ଭାବରେ ପୂଜା କରାଯାଏ । ଅନ୍ୟଟି ଜମ୍ମୁ କାଶ୍ମୀରରେ ଥିବା ବୈଷ୍ଣୋଦେବୀ ଗୁମ୍ଫା ମନ୍ଦିର ଅଟେ ।

ଏହି ମନ୍ଦିରରେ ଅନେକ ମହାନ ସାଧୁସନ୍ଥ ପୂଜା କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିବା କଥା ଶୁଣାଯାଏ, ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ରାମନନ୍ଦନ ଲବ ଓ କୁଶ ଯେଉଁମାନେ ତ୍ରେତୟା ଯୁଗରେ କୁର୍ମନାଥଙ୍କ ଆଶୀର୍ବାଦ ପାଇଥିଲେ । ବଳରାମ (ଶ୍ରୀକୃଷ୍ଣଙ୍କ ବଡ଼ଭାଇ) ଦ୍ୱାପର ଯୁଗରେ ଏଠାରେ ପୂଜା କରିଥିଲେ । ଋଷି ଦୁର୍ବାଷା, ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ, ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀ ନରହରି ତୀର୍ଥୁଲୁ, ଶ୍ରୀ ଚୈତନ୍ୟ ମହାପ୍ରଭୁ ଆଦିଙ୍କ ନାମ ପ୍ରମୁଖ । ମନ୍ଦିର ମଧ୍ୟରେ ପ୍ରସ୍ତରେ ଖୋଦିତ ତଥ୍ୟରେ ଏହା ସବୁ ଦେଖିବାକୁ ମିଳିଥାଏ । ଏଠାରେ ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀ



ବରଦା ରାଜ ସ୍ୱାମୀ, ଶ୍ରୀ ମାଧବ୍‌ଗ୍ରର୍ଯ୍ୟ ଏବଂ ଶ୍ରୀ କୋଦଣ୍ଡ ରାମାସ୍ୱାମୀଙ୍କ ମନ୍ଦିର ମଧ୍ୟ ରହିଛି ।

## ମନ୍ଦିରର ଇତିହାସ

କୃତ ଯୁଗରେ ଏହି ଅଞ୍ଚଳକୁ ଶ୍ୱେତ ଚକ୍ରବର୍ତ୍ତୀ ନାମକ ଶାସକ ଶାସନ କରିଥିଲେ । ତାଙ୍କ ପତ୍ନୀ ଥିଲେ ବିଷ୍ଣୁପ୍ରିୟା । ସେ ମହାବିଷ୍ଣୁଙ୍କ ଭକ୍ତଥିଲେ । ଥରେ ଗୋଟିଏ ଏକାଦଶୀରେ ସେ ବ୍ରତଦୀକ୍ଷା କରୁଥିବା ସମୟରେ ମହାରାଜ ଆସିବାର ଖବର ପଠାଇଲେ । କିନ୍ତୁ ମହାରାଣୀ ନିଜ ସାଧନାରେ ବିଘ୍ନ ଘଟିବ ବୋଲି ଚିନ୍ତାକରି ମହାବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାବିଷ୍ଣୁ ଏହି ବୃକ୍ଷରୁ ଜଳଧାର ଭାବରେ ଆବିର୍ଭାବ ହୋଇଥିଲେ । ଏହାର ଜଳ ରାଜମହଲରେ ପହଞ୍ଚିବା ଦେଖି ମହାରାଜ ସ୍ତମ୍ଭୀଭୂତ ହୋଇଥିଲେ ଏବଂ ଏହାର ରହସ୍ୟ ବିଷୟରେ ପଚାରିବା ପରେ ମହାମନ୍ତ୍ରୀ ମହାରାଣୀଙ୍କ ଶ୍ରଦ୍ଧା ଓ ବ୍ରତ ଦୀକ୍ଷା ବିଷୟରେ କହିଥିଲେ । ଏଥିରେ ମହାରାଜ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ । ସେ ମଧ୍ୟ ମହାବିଷ୍ଣୁଙ୍କ ଆରାଧନା କରିଥିଲେ । କିଛି ଦିନପରେ ମହାମୁନୀ ନାରଦ ଆବିର୍ଭାବ ହୋଇ ଓମ୍ ନମଃ ଶିବାୟ ମନ୍ତ୍ର ଜପ କରିବାର ଉପଦେଶ ଦେଇଥିଲେ । ଶ୍ୱେତ ମହାରାଜ ତାଙ୍କ ଉପଦେଶ ମାନି ସ୍ୱଚ୍ଛ ହୃଦୟରେ ମନ୍ତ୍ର ଜପ କରିବାପରେ ମହାବିଷ୍ଣୁ ପ୍ରସନ୍ନ ହୋଇଥିଲେ ଏବଂ ଚକ୍ରକ୍ଷେତ୍ରଠାରେ ସେ କୂର୍ମଅବତାରରେ ମହାରାଜଙ୍କୁ ଦର୍ଶନ ଦେଇଥିଲେ । ଏଥିରେ ମହାରାଜ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସେ ତପସ୍ୟା କରୁଥିବା ସ୍ଥାନରେ ବିଭିନ୍ନ ମୁନୀ ମଧ୍ୟ ତପସ୍ୟା କରୁଥିଲେ ସେ ମଧ୍ୟ ମହାବିଷ୍ଣୁଙ୍କ ଆଶୀର୍ବାଦ ପାଇଥିଲେ ।

ମହାବିଷ୍ଣୁଙ୍କ ଆଶୀର୍ବାଦରୁ ଶ୍ୱେତପର୍ବତ ଠାରେ ମହାବିଷ୍ଣୁଙ୍କ ସୁଦର୍ଶନ ଚକ୍ରରେ ଏକ ଜଳାଶୟ ସୃଷ୍ଟି ହୋଇଥିଲା । ଏଥିପାଇଁ ଏହାକୁ ଚକ୍ରକୁଣ୍ଡ ବୋଲି ମଧ୍ୟ କୁହାଯାଏ । ଅନ୍ୟମାନେ ଏହାକୁ ଶ୍ୱେତପୁଷ୍କରଣୀ ବୋଲି ମଧ୍ୟ କହନ୍ତି । ଏହି କୁଣ୍ଡରୁ ଦେବୀ ମହାଲକ୍ଷ୍ମୀ ଆବିର୍ଭାବ





ହୋଇଥିଲେ ତେଣୁ ଏହାକୁ ସୁଦ୍ଧ କୁଣ୍ଡ ବୋଲି ମଧ କୁହାଯାଏ । ଏହ କୁଣ୍ଡର ଜଳ ଦ୍ୱାରା ମହାରାଣୀଙ୍କ ବ୍ରତରେ ବଘ୍ନ ହୋଇନଥିଲା ଏବଂ ମହାରାଜଙ୍କ ଉନ୍ନତ ହୋଇଥିଲା, ତେଣୁ ଏହାଦ୍ୱାରା ସୃଷ୍ଟି ଜଳଧାରାକୁ ବଂଶଧାରା ନଦୀ ବୋଲି କୁହାଯାଏ ।

ଅନ୍ୟ ଏକ ଲୋକକଥା ଅନୁଯାୟୀ, ଥରେ ଜଣେ ଭଲ୍ ସର୍ଦାରଙ୍କ ପତ୍ନୀ ଏହ କୁର୍ମକୁଣ୍ଡର ଜଳ ପାନ କରଥିଲେ, ଏବଂ କୁର୍ମନାଥଙ୍କ ପୂଜାର୍ଚ୍ଚନା କରଥିଲେ । ସେ ଏହ କଥା ନଜ ସ୍ୱାମୀଙ୍କୁ ଜଣାଇବା ପରେ ସେ ଆସି ଦେଖିଲେ ସେ ସ୍ଥାନରେ ଏକ ଉଜ୍ଜ୍ୱଳ ଚକ୍ର ଥିଲା ଏବଂ ଧିରେ ଧିରେ କୁର୍ମନାଥ ଦେଖାଦେଲେ । ପରେ ସେଠାରେ ଶ୍ୱେତ ମହାରାଜ ଆସି ପହଞ୍ଚିଥିଲେ । ସେ କହଥିଲେ ଯେ ଭଲ୍ ସର୍ଦାର ନଜ ସୁକର୍ମ ହେତୁ ଶ୍ରୀମନ୍ନାରାୟଣ ତାଙ୍କୁ ଦର୍ଶନ ଦେଲେ । ତାଙ୍କର ନର୍ଦ୍ଦେଶରେ ଭଲ୍ ସର୍ଦାର୍ କୁର୍ମକୁଣ୍ଡ ପର୍ଯ୍ୟନ୍ତ ସିଢ଼ି ଓ ସେହ ଅଞ୍ଚଳର ପ୍ରାଚୀରର ନର୍ମାଣ କରାଇଥିଲେ ।

### ମନ୍ଦିରର ନର୍ମାଣ ଶୈଳୀ ଓ କାରୁକାର୍ଯ୍ୟ

ମନ୍ଦିରର ନର୍ମାଣ ଶୈଳୀରେ ଅନେକ ପ୍ରଭାବତ ହୋଇଥାନ୍ତି ଏବଂ ବର୍ଷସାରା ମନ୍ଦିରକୁ ଭକ୍ତମାନଙ୍କର ପ୍ରବାହ ଲଗି ରହଥାଏ । ମନ୍ଦିର କାନ୍ଥରେ ଭଗବତ୍ ଗୀତାର ବଭିନ୍ନ ମୂର୍ତ୍ତୀ ଖୋଦତ ହୋଇଛ । ଏହା ସମେତ ଅନେକ ସୁନ୍ଦର ଛବମାନ ରହଛ ।

ମନ୍ଦିର ଭତରେ ଥିବା ମଣ୍ଡପମାନଙ୍କ ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଛ । ସାଧାରଣତଃ ଅନ୍ୟାନ୍ୟ ମନ୍ଦିର ମାନଙ୍କରେ ଦେବତାମାନଙ୍କୁ ମନ୍ଦିରର ପ୍ରବେଶ ଦ୍ୱାର ପାଖରୁ ଦେଖିହୁଏ କନ୍ତୁ ଏହ ମନ୍ଦିରରେ ଦେବତାଙ୍କ ମୂର୍ତ୍ତୀ



ଅନ୍ୟ ଦଗକୁ ବୁଲ ରହିଛ । ମଣ୍ଡପ ଉଚ୍ଚ ହୋଇ କୁର୍ମନାଥ ତନୋଟି ଭାଗରେ ଦେଖା ଦଅନ୍ତି । ପ୍ରମୁଖ ଭାଗ ମସ୍ତକ ଏବଂ ପୃଷ୍ଠଭାଗ ଲାଞ୍ଜ ଏବଂ ମଧଭାଗ ସ୍ୱାମୀଙ୍କ ପିଠି ।

କୁର୍ମନାଥଙ୍କୁ ଚନ୍ଦନ ଲେପ ଦେଇ ପୂଜା କରାଯାଏ । ମନ୍ଦିରର ସମ୍ମୁଖରେ ଅବସ୍ଥିତ ଶ୍ୱେତପୁଷ୍କରଣୀର ତଳେ ରହିଥିବା ପଙ୍କ ଧବଳ ରଙ୍ଗର । ପୌରାଣିକ କଥା ଅନୁଯାୟୀ ଥରେ ଜଣେ ଋଷି କୃଷ୍ଣ ଓ ଗୋପୀମାନଙ୍କ ସହ ଏହି ପୋଖରୀରେ ଜଳକ୍ରୀଡ଼ା କରଥିଲେ ଏବଂ ସେଇଥିପାଇଁ ଏହି ପୁଷ୍କରଣୀର ପଙ୍କକୁ ଗୋପିଚନ୍ଦନ ବୋଲ ମଧ କୁହାଯାଏ । ଏବଂ ଏହି ପବତ୍ର ପଙ୍କକୁ ଭକ୍ତମାନେ ମଥାରେ ଲଗାଇଥାନ୍ତି ।

ମନ୍ଦିରରୁ ବାହାରକୁ ଆସିବା ପରେ ଏହାର ବାମ ପାର୍ଶ୍ୱରେ ପାତାଳ ସିଦ୍ଧେଶ୍ୱର ମନ୍ଦିର ରହିଛି । କୁହାଯାଏ କୁର୍ମନାଥଙ୍କ ମନ୍ଦିର ଦର୍ଶନ କରବା ପୂର୍ବରୁ ପାତାଲ୍ ସିଦ୍ଧେଶ୍ୱରଙ୍କ ଦର୍ଶନ ଅନବାର୍ଯ୍ୟ ।

ପ୍ରତବର୍ଷ ଦୋଳ ପୂର୍ଣ୍ଣିମା ଫାଲଗୁନ ମାସରେ ଏଠାରେ ମହା ଆଡ଼ମ୍ବରରେ ପାଳନ କରାଯାଏ । ଏହି ମନ୍ଦିରକୁ ସଂଲଗ୍ନ ଅଷ୍ଟତୀର୍ଥ ରହିଛ । ଭକ୍ତମାନେ ବଶ୍ୱାସ କରନ୍ତି ଯେ କୁର୍ମନାଥ ମନ୍ଦିରରେ ପ୍ରସାଦ ଏବଂ ପାଦୁକ ସେବନ କଲେ ସମସ୍ତ ମନୋସ୍କାମନା ପୂରଣ ହୁଏ । ଏବଂ ଅନେକ ଦୂରାରୋଗ୍ୟ ବ୍ୟାଧି ଦୂର ହୋଇଥାଏ ।

ମୂଳ ଆଲେଖ୍ୟ : ଶ୍ରୀ ଲଙ୍ଗରଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ

ଓଡ଼ିଆ ଭାଷାନ୍ତରଣ : ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

# ବରଷା ପରଶେ



ମୁନ୍ନା ମହାପାତ୍ର

ତୁମର ପରଶେ ଶୀତଳ ଏ' ଧରା
ଜନଙ୍କ ମନେ ଆନନ୍ଦ,
ଗ୍ରୀଷ୍ମ ତାପରୁ ଗୋ ପାଇଅଛୁ ତ୍ରାହ
ମନେ ଯେ କେତେ ଉନ୍ମାଦ ।
ଭରା ଆଜ ନଈ ନାଳ ଖରସୁଆ
ଝରଣା ମନରେ ହସ,
ପିଲା ଖୁସୀ ମନେ ନାଚନ୍ତି ବର୍ଷାରେ
ମନ ଯେ କେତେ ଉଲ୍ଲାସ ।
କୃଷକ ଖଟଇ ଖୁସୀ ମନ ନେଇ
ହସିବ ସୁନାର କ୍ଷେତ,
ଶ୍ରମିକର ମନେ ଏତେ ଯେ ଆନନ୍ଦ
ଖୁସୀରେ ଗାଏ ସେ ଗୀତ ।
ଦୂର ପାହାଡ଼ ଯେ ସବୁଜରେ ଭରା
ପିନ୍ଧି ସେ ମେଘ ଓଢ଼ଣା,
ମୋ' ସହରେ ଆଜ ଆସିଛି ବରଷା
ସତେ କି ନେଇ ଝୁଲଣା ।
ବରଷାର ଧାର ଖେଳଇ ଯେ ଦୋଳ
ଛୁଟାଇ ଜଳର ସୁଅ,
କାଗଜର ଡଙ୍ଗା ଭସେ ଝୁଲି ଝୁଲି
ସତେ କି ସାଧବ ପୁଅ ।
ବନେ ସବୁଜମା ବଗିଚ୍ଚ ସବୁଜ
ସବୁଜ ସୁନ୍ଦର ଧରା,
ଏଇ ଭୂ-ମଣ୍ଡଳ ସବୁଜମା ମୟ
ତୋହର ପରଶେ ପରା ।

ଧରା ଯେ ଶୀତଳ ଶୀତଳ ସେ ବାୟୁ
ଶୂନ୍ୟ ଅମ୍ବର ଶୀତଳ,
ସୂର୍ଯ୍ୟଦେବ ସତେ ଏବେ ନିଦ୍ରାରତ
ଘୋଡ଼ାଇ ମେଘ କମ୍ବଳ ।

ନିଜ ବସା ମଧ୍ୟେ ବିଶ୍ରାମ ମୁଦ୍ରାରେ
ନିଦ୍ରିତ ସେ ବନପକ୍ଷୀ,
ଶୀତଳ ପରଶେ ଦଣ୍ଡାୟେ ନିଦ୍ରିତ
ମୁଦ ଦେଇ ସତେ ଆଖି ।

ଜ୍ୟୋସ୍ନା ଠୁଁ ଶୀତଳ ସତେ ବସୁନ୍ଧରା
ବରଷାର ପରଶରେ,
ଯା' ଦେଖି ଚନ୍ଦ୍ରମା ଗଲେ ବରେ ନିଦ୍ରା
ସତେ ସନ୍ତୁଷ୍ଟ ମନରେ ।

ନଈ ବୁକେ ଖେଳେ ଶାନ୍ତ ସେ ଲହରୀ
ତଟରେ ସେ ଘାସ ବଣ,
ପବନର ସ୍ରୋତେ ଭଙ୍ଗଇ ଲହରୀ
ଶୀତଳ ତା' ମନପ୍ରାଣ ।

ବନ ତରୁ ଲତା ଜୀବଙ୍କ ଜଗତ
ଅନ୍ତର ସତେ ଶୀତଳ,
ବରଷାରାଣୀ ତୋ' ପଦାର୍ପଣେ ପରା
ଧନ୍ୟ ଆଜ ଭୂ-ମଣ୍ଡଳ ।

ଗୁଣପୁର, ରାୟଗଡ଼

# ବନ୍ଧୁ



ମାଧବ ଚନ୍ଦ୍ର ଜେନା

ଦେହ ସିନା ମିଶି ଯାଏ

ମଶାଣି ଭୁଇଁରେ ,

ନଦୀ ସିନା ଶୁଖିଯାଏ

ମରୁର ନଆଁରେ

ଜହ୍ନ ସିନା ଲୁଚଯାଏ

ସୁରୁଜ ଛୁଆଁରେ

ଲୁହ ସିନା ହଜଯାଏ

ଓଠ ଅଗଣାରେ

କୋହ ସିନା ଜଳୁଥାଏ

ମନ ଆଇନାରେ

ବନ୍ଧୁ କନ୍ତ ବଂଚ ରହେ

ବନ୍ଧୁର ସ୍ମୃତରେ

ହୃଦୟର ରକ୍ତ କବରୀରେ ।

# ଭାରତ ସ୍ୱତନ୍ତ୍ର ଦିବସ



ଶ୍ରୀ ହିମାଂଶୁ ଶେଖର ବାରିକ୍

ଆଗତ ଭାରତ ସ୍ୱତନ୍ତ୍ର ଦିବସ
ମହାତ୍ମା ନେହେରୁ ପଟେଲ ସୁବାସ
ବାଳ ଗଙ୍ଗାଧର ଲାଲ୍ ଲାଜପତ
ଗୋପାଳ ଗୋଖଲେ ରାଜେନ୍ଦ୍ର ପ୍ରସାଦ
କରିଥିଲେ ମହା ସଂଗ୍ରାମ ଭାରତେ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ।।
ବିତି ଯାଇଛି ଅଣସ୍ତର ବରଷ
କରିଥିବା ତ୍ୟାଗ ସେ ମହାପୁରୁଷ
ମନେ ପଡେ କିବା ଭାରତ ସନ୍ତାନେ
ବାଜି ରାଉତ ଉଦ୍ଦାମ ବଳି ଦାନ
ସହସ୍ର ଜୀବନ କରି ବଳିଦାନ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ।।
ପରାଧୀନେ ନାରୀ ଥିଲେ ଅସୁରକ୍ଷିତ
ଜନମାନସକୁ କଲି ବିଚଳିତ
ଭାରତ ଯବାନ ଛାଡି ପରିବାର
ବିଦେଶୀୟଙ୍କୁ ଦେଲେ ରଣ ହୁଙ୍କାର
ନାରୀ ଅଭିଶାପେ ଶତ୍ରୁ ପରାଜିତ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ।।
ବିଡମ୍ବନା ଆଜି ସ୍ୱାଧୀନ ଭାରତେ
ନାରୀ ନ ମଣେ ସୁରକ୍ଷିତ ଜଗତେ
ନିର୍ଭୟା ଇତିଶ୍ରୀ ଦାରୁଣ ଘଟଣା
ହୃଦ ବିଦାରକ ବିକୃତ କାମନା
ନାରୀ ମନେ ପ୍ରଶ୍ନ ଉଠେ ସତେ କ'ଣ

ପାଇଅଛୁ ଆମେ ଦେଶ ସ୍ୱାଧୀନ ?

ଜାତୀୟ ସମ୍ବଳ ବଦେଶୀ ହାତରେ
ଅର୍ଥନୀତ ଥିଲା ଦରଆ ପାରରେ
ଆମ୍ଭ ରୋଜଗାରେ ବ୍ରିଟିଶ ସମୃଦ୍ଧ
ଭାରତୀୟ ଅର୍ଥ ବଦେଶକୁ ସ୍ରୋତ
ଏହାର ବରୁଦ୍ଧ କର ମହାଯୁଦ୍ଧ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ।।
ପ୍ରତପତ୍ତିମାନେ ଆଜ ନେଇ ଅର୍ଥ
ସୁଇସ୍ ବ୍ୟାଙ୍କରେ କରନ୍ତ ଗଚ୍ଛିତ
ଜଗତୀକରଣ ବଦେଶୀ କମ୍ପାନୀ
ଦେଶର ସମ୍ବଳ ନେଉଛନ୍ତ ଘେନ
ଭାରତ ନର୍ବାକ ଏଥିପାଇଁ କ'ଣ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ?
ଇଂରେଜ ସେନା ହନ୍ଦୁ ମୁସଲମାନ
ଦନ୍ତରେ ଖଣ୍ଡନ ବାରୁଦ କମାଣ
ବରୁଦ୍ଧରେ ହେଲା ସିପାହୀ ବଦ୍ରୋହ
ମଙ୍ଗଳ ସହୀଦ ହନ୍ଦୁ ପରଚୟ
ଧର୍ମ ରକ୍ଷା ପାଇଁ ହେଲା ମହାଯୁଦ୍ଧ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ।।
ଗୋରା ସାହେବଙ୍କର କୁଟିଳ ନୀତ
କରାଇ ଅନ୍ତର୍ଦ୍ୱନ୍ଦ୍ୱ କ୍ଷମତା ପ୍ରାପ୍ତି
ହନ୍ଦୁ ମୁସଲମାନ ଲଢାଇ ରତ
ରାଜନେତା କରନ୍ତ ସ୍ୱାର୍ଥ ପ୍ରାପତ
ଧରମ ବଭେଦ ନର ହତ୍ୟା ପାଇଁ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ?

କାନ୍ଦଇ ଗରବ ରହ ଗ୍ରାମାଞ୍ଚଳେ
ନୟୋଜତ କ୍ଷେତରେ ଶୈଶବ କାଳେ
ଚର ସହଚର ବନ୍ୟା ଅନାଟନ
ଅଭାବେ କୃଷକ ହାରଇ ଜୀବନ
ପରବାର ଲୋକ ହୁଅନ୍ତ ଆକୁଳ
ପାଇଥିଲୁ ଆମେ ଦେଶ ସ୍ୱାଧୀନ ?
ମଦର ବନ୍ୟାରେ ଭାସେ ପୁରପଲ୍ଲୀ
ଅଧିକ ରାଜସ୍ୱ ଅରଜବେ ବୋଲ
ନମତାଗର ମହଳା ଆନ୍ଦୋଳନ
ଦମନ କରେ ପୋଲସ ପ୍ରଶାସନ
ବଢେ ନର୍ଯ୍ୟାତନା ଅଶାନ୍ତ ସମାଜେ
ସ୍ୱାଧୀନତାର କଣ ଏହା ପରଣାମ ?

# ସେନେହ ଶରଧା ଆପେ ପାଇବୁ



ଶିଶିର କୁମାର ପଣ୍ଡା

ଚୁଟିଆ ମୂଷାରେ ଚୁଟିଆ ମୂଷା
କାହିଁକି କାଟୁଛୁ ମୋ ଖାତା ବହି
ହଇରାଣ କଲେ ଏମିତକା ମୋତେ
ବଲେଇ ପୋଷିବ ବାପାଙ୍କୁ କହି ।
ଧାନ ମୁଗ ଯାହା ଗ୍ଭେରେଇ ଖାଉଛୁ
ଖଳାରେ କରୁଛୁ ଜଇତ ଗାତ
ଆମ ପର ତୁହ ଖାଉନୁ କାହିଁକି
ଭଜା ଡାଲି ସାଥେ ରୁଟି କି ଭାତ ?
ମୋ ବୋଉ ରାନ୍ଧଇ କେଡ଼େ ସୁଆଦଆ
ମନ ଆନନ୍ଦରେ ଦଏ ମୁଁ ଖାଇ
ଖାଇ ସାର ନିତ ଇସ୍କୁଲ୍ ଯାଏ
ପାଠ ପଢ଼ି ବଡ଼ ହୋଇବା ପାଇଁ ।
ଦୁଷ୍ଟାମୀ ନକର ଭଲ ପଢ଼େ ବୋଲି
ସବୁଠାରେ ଭଲ ପାଆନ୍ତି ମୋତେ
ହେଲେ ତୁ ଆନର ହାନି କରୁ ବୋଲି
ଭଲ ପାଆନ୍ତିନି କେହିବ ତୋତେ ।
ମୋ ପରି ଯଦି ତୁ ସୁଧାର ହେବୁ,
ମାରିବାକୁ କାହା ମନ ହେବନାହିଁ
ସେନେହ ଶରଧା ଆପେ ପାଇବୁ ।

କୁଆଁସ, ଯାଜପୁର

# କାହିଁକି ରାଗିଲା ସମୁଦ୍ର ?



ଡଃ.କୁଳାଙ୍ଗାର

ଜମି ମାଫିଆ ଓ ଦଲାଲଙ୍କ ପରି
ଜିଭକୁ ହଲେଇ ପାଟିକୁ ତାହାର ଫାଡି;
ଭୂଭାଗ ଆଡକୁ ଭୟଙ୍କର ହୋଇ
ସମୁଦ୍ର ଆସୁଛି ମାଡି !
ଲହଡି ତାହାର କେବେ ଲାଠିଗର୍ଜ
କେବେ ପୁଣି ଗୁଳିପରି;
ଗିଳିଯାଉଅଛି କେତେ କୋଠାବାଡି
ନିର୍ମାଣକୁ ଗିଳିକରି ! !

କାହିଁକି ଏମିତ ରାଗୁଛି ଦରିଆ
କିଏସେ ଭରିଛି ତାଠାରେ ମଣିଷ ଗୁଣ;
ବିପ୍ଳବୀ ସାଜି ମଣିଷର ଅହଂକାର
ଭାଙ୍ଗିବାକୁ ସତେକି କରିଛି ପଣ !
ଆଗରୁ ତ ଥିଲା ଲାଂଚୁଆ ସିଏ
ତାକୁ ପାଣି ଦିଏ ନାଇ;
ଏବେ ଠିକାଦାର, ମନ୍ତ୍ରୀ ପରି ସେ
ସଡ଼କ ଯାଉଛି ଖାଇ ! !
ସମୁଦ୍ର ହୋଇ ବି ଧନୀ ଦରିଦ୍ରରେ
କରୁଛି ବାଛବିଚାର;
ଆଗ ଗିଳିଦେଲା ଉଠାଦୋକାନୀଙ୍କ
ପସରା ଗୁଡାକୁ ଜୁଆର ମାଡରେ ତାର !
ଲାଗୁଚି ମଣିଷ ତଟକୁ ତାହାର ମଇଳା କଲାରୁ
ଭୀଷଣ ସେ ରାଗିଛି କି;
କଳକାରଖାନା ବର୍ଜ୍ୟବସ୍ତୁ ଗୁଡି ଝାଉଁ

କାଟିବାରୁ ପ୍ରତିଶୋଧ ମାଗୁଛନ୍ତି ? ?

ମହୋଦଧୀ ଅଟେ ଆମର ଦେବତା
କାଳିଆ ଶଶୁର ଘର;
ଆସିଲେ କି ଆଉ ସହନପାର ସେ
ଦି ବର୍ଷକାଳ ଦହଗଞ୍ଜି ଜ୍ୱାଇଁଙ୍କର ?
ନବକଳେବର ଅବା ରଥଯାତ୍ରା
କାଳିଆକୁ ଯାହା କଲେ ସେବାୟତ ଭାଇ;
ଜ୍ୱାଇଁକୁ ଏମିତ ଅବସ୍ଥାରେ ଦେଖି
କହତମେ କୋଉ ଶଶୁର ରାଗନ୍ତା ନାଇଁ !

ପାଠପଢ଼ା ଲୋକେ କହୁଚନ୍ତି ଇଏତ
ଦଇଁଫିଅଁ ନୁହଁ ବିଜ୍ଞାନର କାରାମତି;
ହୋଇଥିବ ବିଜ୍ଞାନରେ ତେବେ ଅଟକାଉ ନାହଁ
ଖଣ୍ଡେଖଣ୍ଡେ କରି ଜୁଆର ମାଡୁଚି ନିତି !
ଯେତେ ବଡଲୋକ ସମୁଦ୍ରକୁଳରେ
ରଙ୍ଗବେରଙ୍ଗର କରିଛନ୍ତି ଅଟାଳିକା ;
ସମୁଦ୍ର ନାମକ ବ୍ୟଙ୍ଗକାର ଆଗେ
ଅଟେ ସିଏ ପ୍ରହେଳିକା ! !

ଇଶ୍ୱର ନୁହେଁ ମାଟି, ଆକାଶ ଓ ପ୍ରକୃତିର
ଯଦି ଅଧିଶ୍ୱର ହେଲେ ଲୋକ;
ହେ ଅତିମାନବ ସମୁଦ୍ରକୁ ରୋକିଦେଖ ! !

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ,
ଡାକ-ଅଲର, ନରସିଂହପୁର, କଟକ
କ୍ରଂ କ୍ରଂ- ୯୩୩୮୫୧୩୦୯
ଇମେଲ୍: dr.kulangar@gmail.com

# ଏଇ ତ ଦୁନଆ



ଲୀନା ମହାନ୍ତ

ଯାହାକୁ ଭାବବ ସବୁଠୁ ନଜର,

ସେ ହେବ ସାତପର...

କାନ୍ଦି କାନ୍ଦି ଯିବ ଲୁହ ତୁମ ଶୁଖି,

କରକ ଏଠି ପଥର...

ବଶ୍ୱାସରେ ବଷ ମିଳେ ଆଜକାଲ,

ଛଡ଼େ ସମ୍ପର୍କର ଡୋର,

ଟିକେ ସ୍ୱାର୍ଥ ଲାଗି ଭୁଲ ହୋଇଯାଏ

ସ୍ନେହ, ପ୍ରେମ ବନ୍ଧନର

# ସୁଯୋଗ୍ୟ ସନ୍ତାନ



ଅନାମ ଚରଣ ସାହୁ

କେତେ କେତେ ବୀର ଦେଲେ ପ୍ରାଣବଳୀ
ସ୍ୱାଧୀନ କରଲେ ଦେଶ
ଅମର ହୋଇଲେ ଜନମାନସରେ
ରଖିଗଲେ ତାଙ୍କ ଯଶ ।
ନଜ ସ୍ୱାର୍ଥଠାରୁ ବଳ ଦେଶ ସେବା
ଜୀବନେ କରଲେ ବ୍ରତ
ଭରତ ମାତାର ସୁଯୋଗ୍ୟ ସନ୍ତାନ
ଘେନ ଆମ ପ୍ରଣିପାତ ।
ଶହୀଦ ଭଗତ, ନେତାଜୀ, ସୁଭାଷ
ଖୁଦରାମ, ଅରବନ୍ଦ
ଲକ୍ଷ୍ମଣ ନାୟକ, ଲାଲ-ବାଲ୍-ପାଲ୍
ଲକ୍ଷ୍ମୀବାଇ, ଦୟାନନ୍ଦ ।
ଗାନ୍ଧୀ, ଗୋପବନ୍ଧୁ, ବୁଦ୍ଧ, ମହାବୀର
ଜନମି ଏହ ଦେଶରେ
ଅହଂସା ମନ୍ତ୍ରର ଦୀକ୍ଷା ଦେଇଗଲେ
ଅରଜ ଯଶ ମହୀରେ ।
କର୍ଣ୍ଣ, ଅରଜୁନ, ଅଭମନ୍ୟୁ, ଦ୍ରୋଣ
ଭୀଷ୍ମ ଆଦ କେତେ ବୀର
ନଜ ବୀରତ୍ୱରେ ଅମର ହୋଇଲେ
ଜାତପାଇଁ ଦେଇ ଶିର ।
କେହ ରହନାହିଁ ଜନମି ସଂସାରେ
ରହଛ ଯଶ କୀରତ
କର ଦେଶ ସେବା ମହୀୟାନ ହେବା
ପ୍ରସାର ପ୍ରେମ ପୀରତ ।

ବଢ଼ୁଡପୂର, କାକଟପୁର, ପୁରୀ
ଦୂରଭାଷ - ୯୯୩୭୨୧୦୨୬୦

# ଶିବ ଓ ଶ୍ରାବଣ



ଅନାମ ଚରଣ ସାହୁ

ଶ୍ରାବଣ ମାସର ପ୍ରତ ସୋମବାର
ଅଟେ ଅତ ପୂଣ୍ୟଦାୟୀ
ମହାଦେବଙ୍କର ଅଟେ ପ୍ରିୟତମ
ଆନନ୍ଦ ହୁଅଇ ମହୀ ।
କାଉଡ଼ିଆ ଘାଇ ଯାଏ ଜଳ ନେଇ
କରବାକୁ ଦେବ ପୂଜା
ଶ୍ରାବଣର ଧାର ବହେ ଝର ଝର
କୁଳଶ ବଜାଏ ବାଜା ।
କାନ୍ଧେଥାଏ ଭାର ଦଶଇ ସୁନ୍ଦର
ମନରେ ଭକତ ଭାବ
ଆଶୁତୋଷଙ୍କର ମିଳେ ଆଶୀର୍ବାଦ
ସଂସାରେ ଚଳଇ ନାବ ।
ସଦାଶିବଙ୍କର ଶୁଭେ ଜୟ ଜୟ
ପ୍ରକଂପିତ ହୁଏ ମହୀ
ଭକତ ଉଦ୍ଧାର କରନ୍ତୁ ଶଙ୍କର
କୃପା ଦୃଷ୍ଟି ତାଙ୍କ ଦେଇ ।

ବଲୁତପୂର, କାକଟପୂର, ପୁରୀ
ଦୂରଭାଷ - ୯୯୩୭୨୧୦୨୬୦

# ମହାନଦୀ - କିଛି ତଥ୍ୟ, କିଛି ବିତର୍କ



ଅଧ୍ୟାପକ ସୁଶାନ୍ତ କୁମାର ପୁରୋହତ

ସାଂପ୍ରତକ ନଦୀ ଜଳ ବବାଦ କାରଣରୁ ବହୁଳ ଚର୍ଚ୍ଚିତ ନଦୀ ମହାନଦୀ ମଧ୍ୟ - ପୂର୍ବ ଭାରତର ଏକ ମୁଖ୍ୟ ନଦୀ ଭାବରେ ପରଗଣିତ । ମହାନଦୀ ଛତଶଗଡ଼ର ସିହାବା, ଦଣ୍ଡକାରଣ୍ୟରୁ ବାହାର ଓଡ଼ିଶାର ଜଗତସିଂହପୁର ପାଖରେ ପାରାଦ୍ୱୀପ ନକଟ ଡେଲଟାରେ ବଙ୍ଗୋପସାଗର ସହ ସଂଗମ ଲାଭ କରବା ଆଗରୁ ଦୀର୍ଘ ୮୫୮ କଲୋମିଟର ପଥ ଅତକ୍ରମ କରଥାଏ । ଏହ ନଦୀର ତଟବର୍ତ୍ତୀ ସହର ଗୁଡ଼ିକ ମଧ୍ୟରେ ଛତଶଗଡ଼ର ବେତୁଲ, ରାୟପୁର, ଜାଙ୍ଗିର, ବଲାସପୁର ତଥା ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, କଟକ, ବାଙ୍କି ଓ କେନ୍ଦ୍ରପଡ଼ା ହେଲ ପ୍ରମୁଖ । ଏହ ନଦୀର ୮୫୮ କଲୋମିଟର ଗତ ପଥ ମଧ୍ୟରୁ ପ୍ରାୟ ଅଧ ଭାଗ ଛତଶଗଡ଼, କଛି ଅଂଶ ମଧ୍ୟ ପ୍ରଦେଶ ଓ ବାକ ଅଂଶ ଓଡ଼ିଶା ଦେଇ ପ୍ରବାହତ ହୁଏ । ୧୯୫୭ ମସିହାରେ ହୀରାକୁଦ ଜଳଭଣ୍ଡାର ନର୍ମାଣ କାର୍ଯ୍ୟ ସରବା ପର୍ଯ୍ୟନ୍ତ ଏହ ମହାନଦୀ ଭାରତର ଏକ ସବୁଠାରୁ ବଧ୍ୱଂଶକାରୀ ନଦୀ ହସାବରେ ଜଣାଶୁଣା ଥିଲା । ମହାନଦୀର ଅବବାହକା ବା ଜଳ ନଷ୍କାସନ କରୁଥିବା ଅଞ୍ଚଳ ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ପ୍ରାୟ ୧୪୧,୬୦୦ ବର୍ଗକଲୋମିଟର । ଏଥି ମଧ୍ୟରୁ ପ୍ରାୟ ୮୦ ପ୍ରତଶତ ଅଧୁନା ଛତଶଗଡ଼ ଓ କଛି ଅଂଶ ମଧ୍ୟପ୍ରଦେଶରେ ଅବସ୍ଥିତ । ଏହ ନଦୀରେ ଉତ୍ପତ୍ତି ସ୍ଥଳରୁ ବାହାରବା ପରେ ଏଥିରେ ଜଙ୍କ, ହାସଦା, ତେଲ, ଅଙ୍ଗ ପର ଛୋଟ ବଡ଼ ଉପନଦୀ ମିଳତ ହୁଏ ଏବଂ ହୀରାକୁଦ ବନ୍ଧର ପ୍ରାୟ ୫୦ କଲୋମିଟର ଦୂର ଛତଶଗଡ଼ ସମ୍ବଲପୁର ସୀମାରେ

ଓଡ଼ିଶାକୁ ପ୍ରବେଶ କରେ । ହୀରାକୁଦ ଜଳ ଭଣ୍ଡାରରୁ ନର୍ଗତ ହୋଇ ମହାନଦୀ ପୂର୍ବ ଘାଟ ପର୍ବତମାଳା ଦେଇ ଗଲା ବେଳେ ପ୍ରଶିଦ୍ଧ ସାତକୋଶିଆ ଗଣ୍ଡ ସୃଷ୍ଟି କରେ । ବଙ୍ଗୋପସାଗରକୁ ଆସିବା ଆଗରୁ ଏହା କାଠଯୋଡ଼ି, କୁଆଖାଇ, ପାଇକା, ବରୂପା ଓ ଚତ୍ରୋପ୍ତଳା ଆଦ ଶାଖା ନଦୀ ସୃଷ୍ଟି କରେ । ଏହ ଶାଖା ନଦୀ ଗୁଡ଼ିକ ମଧ୍ୟରୁ କାଠଯୋଡ଼ି, ମୂଳ ମହାନଦୀ ଆଦ ସମୁଦ୍ରରେ ବଲୀନ ହେଲା ବେଳେ ବରୂପା ନଦୀ କନ୍ତୁ ବ୍ରାହ୍ମଣୀ ନଦୀ ସହ ବଲୀନ ହୁଏ ।

‘ଓଡ଼ିଶାର ଦୁଃଖ’ ନାମରେ ଜଣାଶୁଣା ହେଉଥିବା ଏହ ମହାନଦୀ ହୀରାକୁଦ ନଦୀ ବନ୍ଧ ନର୍ମାଣ ହେବାର ଆଗରୁ ବହୁ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି କର ଆତଙ୍କର କାରଣ ହେଉଥିଲା । ମୁଖ୍ୟତଃ ବର୍ଷାଋତୁରେ ଏହ ନଦୀ ଦେଇ ଏହାର ଜଳ ଗ୍ରହଣ ଅଞ୍ଚଳରୁ ବାର୍ଷିକ ପ୍ରାୟ ୬୬.୯ ଘନକଲୋମିଟର ଜଳ ଆସୁଥିବାର ହସାବ ବଶେଷଜ୍ଞମାନେ ଦେଇଥାନ୍ତି । ୧୯୪୬ ମସିହାରେ ହୀରାକୁଦ ନଦୀବନ୍ଧର ନର୍ମାଣ ଆରମ୍ଭ ହେଇ ୧୯୫୬ରେ ତାହା ସମ୍ପୂର୍ଣ୍ଣ ହେଲା । ୭୪୩ ବର୍ଗକଲୋମିଟର ଆକାରର ଏହ ଜଳ ଭଣ୍ଡାରର ଜଳଧାରଣ କ୍ଷମତା ଭାବେ ୫୮୯୬ ଲକ୍ଷ ଘନମିଟର ଜଳ ଏହ ଜଳ ଭଣ୍ଡାରରେ ରହବା ପାଇଁ ଏହାର ଅଟକଳ ହେଉଥିଲା । ସାଂପ୍ରତକ ଛତଶଗଡ଼ରେ ବଭିନ୍ନ ବାରେଜ ନର୍ମାଣ ହେଲା ପରେ, ମହାନଦୀ ଅବବାହକାରୁ ପ୍ରବାହତ ୬୬.୯ ଘନ କଲୋମିଟର ଜଳ ମଧ୍ୟରୁ ପ୍ରାୟ ୧୭.୩ ଘନ କଲୋମିଟର ( ପ୍ରାୟ ୨୩ ପ୍ରତଶତ ) ଜଳ ସଂଗୃହତ ହେଇ ପାରୁଥିବାର ହସାବ ଦଆ ଯାଏ ।

ବର୍ତ୍ତମାନ ଛତିଶଗଡ଼ରେ ମହାନଦୀର ଜଳକୁ ରଖିବା ପାଇଁ ନର୍ମିତ ହେଉଥିବା କେତେକ ବ୍ୟାରେଜ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ତର୍କ ବତର୍କ ଓ ବବାଦ ସମସ୍ତେ ଜାଣିଥିବେ । ତେବେ ହୀରାକୁଦ ବନ୍ଧ ନର୍ମାଣ ହେଲା ପରେ ଓଡ଼ିଶାର ବନ୍ୟା ବପତ୍ତି ଅନେକାଂଶରେ ଆୟତ୍ତକୁ ଅଣାଯାଇ ପାରଛି । ହୀରାକୁଦ ଜଳଭଣ୍ଡାରର ଜଳଧାରଣର ସର୍ବୋଚ୍ଚ ସୀମା ( ୬୩୦ ଫୁଟ ) ପହଞ୍ଚିଲା ଆଗରୁ ଅତରକ୍ତ ଜଳ ମହାନଦୀରେ ଛାଡ଼ିବାକୁ ହୁଏ । ଏହା ସାଧାରଣତଃ ଜୁଲାଇ ମାସ ଶେଷ ଭତରେ ହୁଏ । ଯଦବା କୌଣସି ବର୍ଷ କମ ବୃଷ୍ଟିପାତ ହୁଏ ତାହା ଅଗଷ୍ଟ ପ୍ରଥମ ସପ୍ତାହ ଯାଏ ପୂର୍ଣ୍ଣ ହୋଇ ଯାଏ । ହୀରାକୁଦ ବନ୍ଧର ତଳମୁଣ୍ଡରେ ନାରାଜ ଆନକଟ ବ୍ୟତୀତ ଅନନ୍ୟ ବୃହତ ଜଳଧାରଣ ବ୍ୟାରେଜ ନ ଥିବା କାରଣରୁ ମହାନଦୀ ଜଳର ପ୍ରାୟ ତନ ଚତୁର୍ଥାଂଶ ଜଳ ବଙ୍ଗୋପସାଗରକୁ ଚାଲି ଯାଏ ।

ଏବେ ଛତଶଗଡ଼ ସରକାର ତାଙ୍କ ରାଜ୍ୟରେ ଜଳସେଚନ ଓ ପାନୀୟ ଜଳ ପାଇଁ ବ୍ୟାରେଜ ମାନ ନର୍ମାଣ କରୁଛନ୍ତି । ସେ ଗୁଡ଼ିକ କାର୍ଯ୍ୟକାରୀ ହେଲେ ଅଣ ମୌସୁମୀ ସମୟର ବର୍ଷା ଜଳ ହୀରାକୁଦ ଜଳଭଣ୍ଡାରକୁ ଆସିବାର ହୁଏତ କମ ହେବ, ତେବେ ବର୍ଷା ଋତୁରେ ନଶ୍ଚିତ ଭାବରେ ହୀରାକୁଦ ବନ୍ଧର ସର୍ବୋଚ୍ଚ ଜଳଧାରଣ ସୀମାପୂର୍ଣ୍ଣ ହେବ । ହୁଏତ ବର୍ଷା ଋତୁରେ ଏବେ ମଧ୍ୟ ହେଉଥିବା ବନ୍ୟା ଆହୁର କଛି ମାତ୍ରାରେ ନୟନ୍ତ୍ରଣ ହେବ । ମହାନଦୀକୁ ଜଳ ନଷ୍କାସନ କରୁଥିବା ଅଞ୍ଚଳରୁ ୮୩% ଅଞ୍ଚଳ ଥିବା ଛତଶଗଡ଼ ରାଜ୍ୟର ଏହ ଜଳରୁ ଅନ୍ତତଃ ୫୦% ରଖିବାର ଅଧିକାର ନଶ୍ଚିତ ଭାବରେ ଅଛି, ଏଥିରେ ଦ୍ୱିମତ କାହିଁକି

ହେବ। ? ବର୍ତ୍ତମାନ ନିର୍ମିତ ହେଉଥିବା ସମସ୍ତ ବ୍ୟାରେଜ ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ମଧ୍ୟ ସେଠାରେ ୨୫ % ପ୍ରତିଶତ ଯାଏ ଜଳ ବ୍ୟବହାର ହେବ ବୋଲି ସଂବାଦପତ୍ର ରିପୋର୍ଟରୁ ଜଣାପଡ଼େ । ତେବେ ବର୍ଷା ଦିନେ ବଂଗୋପସାଗରକୁ ଚାଲି ଯାଉଥିବା ଅପରିସୀମ ଜଳରାଶିକୁ ରଖିବା ପାଇଁ ଓଡ଼ିଶା ବହୁ ଆଗରୁ ବ୍ୟାରେଜ ବା ମଧ୍ୟମ ଜଳ ଭଣ୍ଡାର ସବୁ ନିର୍ମାଣ ଦିଗରେ ଧ୍ୟାନ ଦେବାର ଥିଲା । ଏବେ ମଧ୍ୟ ସମୟ ଅଛି, ଏହି ଦିଗରେ ପ୍ରକୃତ ନିଷ୍ଠାର ସହ ଉଦ୍ୟମ କରି ମହାନଦୀର ମଧ୍ୟ ଅଞ୍ଚଳ, ଏବଂ ତଳ ଅଞ୍ଚଳରେ ତଥା ତାହାର ଶାଖାନଦୀ ଗୁଡ଼ିକରେ କ୍ଷୁଦ୍ର ତଥା ମଧ୍ୟମ ଆକୃତିର ଜଳଭଣ୍ଡାର ନିର୍ମାଣ କରାଯାଉ । ଭଲ ଭାବରେ ସର୍ବେକ୍ଷଣ କଲେ ବେଶୀ କୃଷି ଜମି ନଷ୍ଟ ନ ହେଉଥିବା ଜାଗା ଚିହ୍ନଟ କରାଯାଇ ପାରିବ । ଓଡ଼ିଶା ସରକାର ଏଥି ପାଇଁ କେନ୍ଦ୍ରରୁ ସହାୟତା ଦାବି କରି ପାରିବେ । ବିଶ୍ୱ ବ୍ୟାଙ୍କ ମଧ୍ୟ ଏଠି ପାଇଁ ଋଣ ଯୋଗେଇ ପାରିବେ । ତେବେ ଏଥି ପାଇଁ ଜନଜାଗରଣ ଓ ରାଜନୈତିକ ଇଚ୍ଛାଶକ୍ତି ଦରକାର ।

# ନିଜ ହାତମୁଠାରେ ନାହିଁ ଜୀବନ



ବରୁଣ କୁମାର ଦାସ

ଅନ୍ୟପାଇଁ ବଞ୍ଚୁ ବଞ୍ଚୁ
ନିଜ ପାଇଁ ବଞ୍ଚିବା ଭୁଲିଛି ।
ବଙ୍କା ରାସ୍ତାରେ ଚାଲିବାର
ତାଗିଦ୍ ଧରୁ ଧରୁ
ସିଧା ରାସ୍ତା ବି ଲାଗେ ଅଙ୍କାବଙ୍କା ।
ଅନ୍ୟକୁ ସୁଖ ଧରେଇବାର
ଲହୁଲୁହାଣ କସରତରେ
ନିଜ ସୁଖର ହଜିଛି ଠିକଣା ।
ଭିଡ଼ ଭିତରେ ଅସହାୟ ନିଜପଣ,
ସଂପର୍କ ନାଗଫାଶରେ
ଝୁଲି ପଡ଼ିଛି ଟାଣପଣ,
ସମୟ ପିଠିରେ
ଏରୁଣ୍ଡି ଦେଉ ଦେଉ
ଶୋଇପଡ଼ିଛି କ୍ଳାନ୍ତମନ ।
ଦିଗନ୍ତକୁ ସୀମାକରି
ମରିଚିକା ଧରିବାର ବାସନା
ଆଉ ଗାଁ ନଈତୁଠ
ପାଦତଳର ଶକ୍ତ ମାଟି
ତଳେ ତଳେ ଗ୍ରୈରିବାଲି ।

ଏବେ କେବଳ
ନୀରବତା ହିଁ
ନିଜ ଏକଲାପଣର
ନୀରବ ସମର୍ପଣ ।
ଯେଣୁ ଆଉ ନିଜ ହାତମୁଠାରେ
ନାହିଁ ଜୀବନ ।

ଇମେଲ : barunkumardas1@gmail.com

# କାମ କବିତା



ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା

[ କାମୋ ସଂସାରହେତୁଷ୍ଟ ]

ପୁରୁଷ - ପ୍ରକୃତି ଏ ଦୁଇ ଅଟନ୍ତି , ବିଶ୍ୱ ସୃଷ୍ଟିର କାରଣ ।
ପ୍ରକୃତି ସହିତ ପୁରୁଷ ମିଳନ , ହୋଇଥାଏ ଅନୁକ୍ଷଣ ।
ପ୍ରକୃତିରୁ ସୃଷ୍ଟି ସତ୍ତ୍ୱ-ରଜ-ତମୋ, ଏ ତିନି ପ୍ରକାର ଗୁଣ ।
ଜୀବାତ୍ମା ଶରୀରେ ଅଧିଷ୍ଠିତ ହୋଇ, ପ୍ରକାଶନ୍ତି ଭିନ୍ନ ଗୁଣ ।
କାମନା ଆସକ୍ତି ରଜ ଗୁଣୁଜାତ, ଦେହେ ଜୀବାତ୍ମା ବନ୍ଧନ ।
ଦୁଃଖ -ଅଜ୍ଞାନରେ ହୁଏ ଦଗ୍ଧିଭୂତ, ନାହିଁ ତା'ର ପରିତ୍ରାଣ ।
ସ୍ୱାର୍ଥଭାବ ବୃଦ୍ଧି ଲୋଭ ଓ ପ୍ରବୃତ୍ତି, ଅଶାନ୍ତି -ଭୋଗ ଲାଳସା ।
ଏସବୁ ଦୁର୍ଗୁଣେ ତଲ୍ଲିନ ହୋଇଣ, ଭୋଗେ ଅନେକ ଦୁର୍ଦ୍ଦଶା ।
ପ୍ରତି ଜୀବାତ୍ମାରେ ଷଡ଼ରିପୁ ସହ ଥାଏ ପୁଣି ତିନିଗୁଣ ।
ଗୁଣ ଅନୁସାରେ ପ୍ରକୃତିମାନଙ୍କ, ଆଧିକ୍ୟତା ଅବା ନ୍ୟୁନ ।
ରଜୋ ଗୁଣେ ଜୀବ ହୋଇଣ ଆବଦ୍ଧ, ମର୍ତ୍ତ୍ୟରେ କରଇ ଭୋଗ ।
କାମନା ଜ୍ୱାଳାରେ କ୍ଷଣିକ ସୁଖରେ, କରଇ ସଦା ସମ୍ଭୋଗ ।
ରଜୋ ଗୁଣ ଅଟେ କର୍ମର ପ୍ରତୀକ, ସେ କର୍ମେ ଜୀବ ନିରତ ।
କାମିନୀ-କାଞ୍ଚନ ମୋହରେ ପଡ଼ିଣ, ଜଞ୍ଜାଳେ ବୁଡ଼ଇ ସେ ତ ।
ଷଡ଼ରିପୁ ମଧ୍ୟେ 'କାମ' ଶକ୍ତି ଅଟେ, ପ୍ରଥମ ଶତ୍ରୁ ଜୀବର ।
ତ୍ରିବିଧ ନର୍କର ପ୍ରଥମ ଦ୍ୱାରଟି, ଅଟଇ ସର୍ବ ପ୍ରାଣୀର ।
ଜୀବର କାମରେ ବାଧା ଉପୁଜିଲେ, ମହାକ୍ରୋଧ ହୁଏ ସୃଷ୍ଟି ।
କାମନାବାଣରେ ହୋଇ ଜର୍ଜରିତ, ଘଟାଏ ମହା ବିପତ୍ତି ।
କାମ ପ୍ରକୃତିରେ ହୋଇ ବଶବର୍ତ୍ତୀ, ଜୀବ ହୁଏ କାମାସକ୍ତ ।
ପର ଆପଣାର ହିତାହିତଜ୍ଞାନେ, କରିଥାଏ ବୁଦ୍ଧି ଭ୍ରଷ୍ଟ ।
ସ୍ଥାନ-କାଳ-ପାତ୍ର ନ ମାନି ସେ ଜୀବ, କରେ ରମଣୀ ସଙ୍ଗମ ।
କାମାନ୍ଧ ହୋଇ ସେ ଅଜ୍ଞାନ ତମସେ, ପାଏ ଅନେକ ଦୁର୍ନାମ ।
ସକଳ ନାରୀଙ୍କୁ ସମ୍ଭୋଗ ସାମଗ୍ରୀ, ଚିନ୍ତାକରେ କାମାତୁର ।

ଶୟନେ-ସପନେ ଅବା ଜାଗରଣେ, କାମ ସର୍ବସ୍ୱ ତାହାର ।
ଲଜ୍ଜା ଅପମାନ ଭୟ ଓ ଭ୍ରାନ୍ତିକୁ ନ କରଇ ସେ ଖାତର ।
କାମରୁ ଆନନ୍ଦ ମିଳେ ମହାସୁଖ, ଚନ୍ତେ ସେ ମୂଢ଼ ପାମର ।
ରଜୋ ଗୁଣ ଦ୍ୱାରା ହେଲେ ପ୍ରଭାବିତ, ହୁଏ କମଭାବ ସୃଷ୍ଟି ।
ମଣିଷ ପଣିଆ ହୁଏ ଛାରଖାର, ଭୋଗେ ମହାନର୍କ ଗତ ।
କାମର ଦେବତା ଅଟନ୍ତି ଯେ 'ମାର' ପଞ୍ଚବାଣ ତାଙ୍କ ଅସ୍ତ୍ର ।
ଦେବମହାଦେବ ତାଙ୍କର ସାୟକେ, ହୋଇଥିଲେ ଦଗ୍ଧିଭୂତ ।
କାମନା ବନାଶେ ଦୁଃଖର ବନାଶେ, ଏହା ଅଟେ ଶାସ୍ତ୍ରବାଣୀ ।
ଦୁଃଖର ବନାଶେ ମନୁଷ୍ୟ ଲଭଇ, ପାଏ ଅପବର୍ଗ ପୁଣି ।
କାମନା ପ୍ରକୃତ ଅତ ଭୟଙ୍କର, ମହାଶତ୍ରୁ ମନୁଷ୍ୟର ।
ଏକାଗ୍ର ମନରେ ଇନ୍ଦ୍ରିୟ ନଗ୍ରହେ ହୋଇଥାଏ ସଦା ଦୂର ।
ପାର୍ଥିବ ସୁଖଟି ଅଟେତ ଅଳୀକ, ନ ଜାଣି ପରେ ମନୁଷ୍ୟ ।
ଅନଳେ ପତଙ୍ଗ ଝାସ ଦେଲା ପର, ହୁଏ ବନାଶ ଅବଶ୍ୟ ।
ଇନ୍ଦ୍ରିୟ ଲାଳସା ଅଟେ ମହାତୃଷା, ନ ମେଣ୍ଟେ ଯିବାର ଶୋଷ ।
ତୃଷ୍ଣାରେ କାତର ହୋଇଣ ଅଧୀର ଶେଷରେ ହୁଏ ନଗଶ ।
ଆତ୍ମଶକ୍ତି ବଳେ ଦୃଢ଼ ସଞ୍ଜମରେ, କରଲେ ଈଶ୍ୱର ଧାନ ।
ଷଡ଼ରପୁ ବ୍ୟାଧି ଦୂରୀଭୂତ ହେବ, ମନ ହୋଇବ ପ୍ରସନ୍ନ ।
ହେ ! ଈଶ୍ୱର ତୁମେ ମନୁଷ୍ୟ ଆତ୍ମାରୁ, କର ଷଡ଼ରପୁ ଦୂର ।
ତୁମର ଆଶିଷୁ ବଶ୍ୱମଧୁମୟ, ହୋଇଯାଉ ନରନ୍ତର ।

# ଡାକ୍ତର ଘନଶ୍ୟାମଙ୍କ ଇଜ୍ଜତ



ଡା ସୌମ୍ୟରଞ୍ଜନ ମିଶ୍ର

ସୁଦର୍ଶନ ସେଦନ ଭେଟ ହୋଇଗଲ୍ ସନ୍ଧ୍ୟାରେ । ଦନ ସାଗର ପରଶ୍ରମ ପରେ ମୁଁ ଥିଲ କ୍ଲାନ୍ତ । ସୁଦର୍ଶନର ଉପସ୍ଥିତ ହିଁ ମୋର କାନ୍ତ ଫେରଇ ଆଣିଲ୍ । କନ୍ତୁ ସେ ଦଶୁଥିଲ୍ ବମର୍ଶ । ବେସରକାରୀ ଗ୍ଚକରୀରେ ଏଇଟା ବଡ଼କଥା ନୁହେଁ । ଗ୍ଚ ଦୁଇଟା ବର୍ଦ କରଦେଇ ମୁଁ ତାକୁ ପଗ୍ଚରଲ - କରେ, କଣ ହୋଇଛ ତୋର ? ଏମିତ ଶୁଖିଲ୍ ଦଶୁଛୁ । ଏମିତଆ ବଜ୍ଞାପନ କଣ ଦେବା କଥା ! କଥାରେ ତାର ଥିଲ୍ କ୍ଷୋଭ । ନଜକୁ ବଜ୍ଞାପିତ କରବା ଆଉ ବକବା ଯୁଗରେ କେଉଁ ବଜ୍ଞାପନଟା ଅବା ତାକୁ ଏତେ କଷ୍ଟ ଦେଇଛ ? ଏକଥା ଭ୍ବୁ ଭ୍ବୁ ସେ କହ୍ଲ, ଭ୍ଇନା ଆପଣ ତ ନଶ୍ଚିତ ଦେଖିଥିବେ ଟିଭରେ ନେରୋଲ୍କ୍ର ସେ ବଜ୍ଞାପନଟା । ଘରଟା ଠିକ୍ ଭ୍ବରେ ରଙ୍ଗ ହୋଇନ ବୋଲ ଡାକପିଉନଟେ ଘର ମାଲକଙ୍କୁ କେମିତ ଅସମ୍ମାନ କରୁଛ । ଆଉ ଘରେ ରଙ୍ଗା ଲ୍ଗିଯାଉ ଯାଉ ଦଳ ହୋଇ ଆସି ସଲ୍ମ୍ କରୁଛ । ମୁଁ କହ୍ଲ ଏଥିରେ କଣ ଅଛ । ଭେକଥିଲେ ଭକ ମିଳେ ।

ଅଛନା...ଉ । ର୍ଗିକର କହ୍ଲ୍ ସେ । ସୁଦର୍ଶନକୁ ଏମିତ ର୍ଗିବାର କ୍ୱଚତ ଦେଖିଛ ମୁଁ । ତୁମେ ବୋଧହୁଏ ଲକ୍ଷ୍ୟ କରନ ଭ୍ଇନା, ସେଇ ଘରେ ଲ୍ଗିଥିବା ନାମ ଫଳକକୁ । ସେଥିରେ ପରେ ଏମ.ବ.ବ,ଏସ୍ ଲେଖା ହେଇଛ । ଆଉ ଲେ୍କଟାବ ବେକରେ ଷ୍ଟେଥୋସ୍କୋପ୍ ପକେଇଛ । ର୍ଗିବାର କାରଣ ମୁଁ ବୁଝିଗଲ ।

ଦେଖ ବାବୁ, ବଜ୍ଞାପନ ବାଲ୍ କଛ ଭୁଲ

କରିନାହାନ୍ତି । ସଂସାରରେ ଯାହା ସବୁ ଘଟୁଛି ତା'ର ଏକ ଛବି ମାତ୍ର ସେମାନେ ଆମକୁ ଦେଖାଉଛନ୍ତି । ଆଜିକାଲି ତ ଯାହାର ଧନ ଅଛି, ଯିଏ ନିଜକୁ ଧନୀ ଭଳି ସଜାଇ ପାରୁଛି, ତାଙ୍କର ଜୟଗାନ କରିବାକୁ ଲୋକ ଅଛନ୍ତି । ଏଥିପାଇଁ ଏତେ ଉତ୍ତେଜିତ ହେବା କଣ ଦରକାର ?

ଯାହା ହେଲେ ବି ସମାଜରେ ଏବେ ମଧ୍ୟ ଡାକ୍ତର ମାନଙ୍କର ଯଥେଷ୍ଟ ସମ୍ମାନ ଅଛି । ଏପରି ଦୃଷ୍ଟିକଟୁ ବିଜ୍ଞାପନ ଆଦୌ ଗ୍ରହଣୀୟ ନୁହେଁ । ସେ ପୁଣି ଦୃଢ଼ ଭାବରେ କହିଲା । ଅନ୍ୟମାନେ ନିଶୁଣି ପାରିବା ପରି ଟିକେ ଦୂରକୁ ତାକୁ ଡାକି ନେଇ କହିଲି - ତୁମେ ବ୍ୟସ୍ତ ହେବା ଆଗରୁ ଡାକ୍ତରମାନେ ଏଥିପ୍ରତି ବ୍ୟଗ୍ର ହେବା ଆବଶ୍ୟକ । କିନ୍ତୁ ଏପର୍ଯ୍ୟନ୍ତ ସେପରି କିଛି ହୋଇନାହିଁ । ଅର୍ଥାତ୍ ଡାକ୍ତର ସମାଜ ମଧ୍ୟ ଏହାକୁ ଗ୍ରହଣ କରିନେଇଛି । ତୁମେ ମଧ୍ୟ ଏହାକୁ ଗ୍ରହଣ କରିନିଅ । ସେ ମୋ ଆଡ଼କୁ ଚାହିଁଲା । ମୁଁ ଜାଣିଲି, ମୋ କଥା ସେ ହଜମ କରିପାରୁନାହିଁ । ମୁଁ ଚୁପ୍ ରହିଲି, ଆଉ ଚା'ର ଶେଷ ଢୋକ ନେଲି । ସେ ଅପେକ୍ଷା କରିଥାଏ ।

ଚାଲୁ ଚାଲୁ ପୁଣି କଥା ଆରମ୍ଭ ହେଲା । ବିଜ୍ଞାପନ ଦେଲାବାଲା ବହୁତ ଗୁଡ଼ିଏ ଦିଗପ୍ରତି ଦୃଷ୍ଟିଦେଇ ବିଜ୍ଞାପନ ତିଆରି କରନ୍ତି - ମୁଁ କହିଲି । ସୁଦର୍ଶନ ଆହୁରି ବିକଳ ଦେଖାଗଲା । ତା'ର ମୋହ ଭଙ୍ଗ କରିବାକୁ ଯାଇ କହିଲି - ତୁମପରି ବିଜ୍ଞାପନବାଲା ମଧ୍ୟ ଜାଣିଛନ୍ତି ଯେ, ଆମ ସମାଜରେ ଡାକ୍ତରମାନଙ୍କର ଇଜ୍ଜତ ଯଥେଷ୍ଟ ଉପରେ, କିନ୍ତୁ ତୁମେ ଯାହା ଜାଣିନାହଁ, କିନ୍ତୁ ସେମାନେ ଜାଣିଛନ୍ତି, ତାହା ହେଲା ଏମବିବିଏସ୍ ଡାକ୍ତର ଗରିବ ଭରଜା, ସବୁରି ଶାଳୀ । କେମିତି ? ସୁଦର୍ଶନର ନିରୀହ ପ୍ରଶ୍ନ ।

ସାଧାରଣତଃ ଏମବିବିଏସ୍ କରିଥିବା ଡାକ୍ତର ଛୋଟ ସହର ବା ଗ୍ରାମାଞ୍ଚଳରେ ବାସ କରନ୍ତି, ଯେଉଁଠି ସେମାନଙ୍କ ଡିଗ୍ରୀ ଆଗରେ ପ୍ଲେନ୍, ଓନ୍ଲି, ସିମ୍ପଲ୍, ଜଷ୍ଟ ଆଦି ବିଶେଷଣ ଲଗାଯିବା ଏକ ତଥ୍ୟଗତ ଆବଶ୍ୟକତା । ସେଠେଇଁ କୋଠାଘରେ ଚୂନ ଲଗାଇ ପାରିଲେ ବହୁତ ବଡ଼ କଥା । ନେରୋଲାକ୍ ରଙ୍ଗର ଆବଶ୍ୟକତା ହିଁ ନାହିଁ । କିନ୍ତୁ ଏମବିବିଏସ୍ ପରେ ଅଧିକ ପାଠ ପଢ଼ି ବିଶେଷଜ୍ଞ ହୋଇଥିବା ଡାକ୍ତରଙ୍କ ରୋଜଗାର ନିଶ୍ଚୟ ଅଧିକ । ସେମାନେ ନେରୋଲାକର ରଙ୍ଗଠି ଅଧିକ ଦାମିରଙ୍ଗ ବି ଲଗାଇ ପାରନ୍ତି । ତେଣୁ ବିଜ୍ଞାପନରେ କେବଳ ଏମବିବିଏସ୍ ହିଁ ଲେଖାଯାଇଛି ।

ଏଠି ସୁଦର୍ଶନ ମୋତେ ଅଟକାଇଲା । ଆପଣ ବୋଧହୁଏ ଭଲ ଭାବରେ ଦେଖିନଥିବେ ବିଜ୍ଞାପନକୁ । ସେଥିରେ ଏମ୍ଏସ୍ସି, ଏମ୍ ଫିଲ୍ ପରି ଡିଗ୍ରୀ ମଧ୍ୟ ଲେଖାଯାଇଛି । ବାବୁରେ ସେ ଗୁଡ଼ିକ ଚାଳି ଗହଣା ଉପରେ ସୁନାପାଣି ପରି । ଅସଲି ସୁନାଗହଣା ଅଭାବରେ ଏ ସବୁ ପରିକଳ୍ପନା । ସୁଦର୍ଶନ ମୋତେ ଚାହିଁଲା ଆଉ କିଞ୍ଚିତ୍ ହସିଲା । ମୁଁ ବୁଝିଗଲି । ସୁଦର୍ଶନକୁ ଆଉ କିଛି କହିବାର ଆବଶ୍ୟକତା ନଥିଲା ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨
ଦୂରଭାଷ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ନିଜ ସହ ରୋମାନ୍ସ



ଭଗିରଥୀ ବେହେରା

ଜୀବନ ଆରମ୍ଭ କରିବାରେ

ସକାଳର ଶିଶିର ବିନ୍ଦୁକୁ

ଚୁମିବାକୁ ହୁଏ,

ସୁଖର ସଂଭୋଗରେ ମାତିବାକୁ ହେଲେ

ଦେହର ଛିନ୍ନ ଛିନ୍ନ ଉତ୍ତାପରେ

ବିଦ୍‌ଗଧ ହେବାକୁ ହୁଏ ।

ଭଗିରଥୀ !

ଏ କେମିତିକା ଦୃଶ୍ୟ

ସବୁ ଉତ୍ତୋଳିତ ଚିତ୍ରରେ ମୁଁ ଥାଏ,

ନିଜକୁ ତୋଳିବାକୁ

ଜୀବନର ପ୍ରତ୍ୟେକ କାନ୍‌ଭାସରେ

ନିଜ ସହ ରୋମାନ୍ସ କରିବାକୁ ହୁଏ ।

ମନ ହାଲୁକା ହେଲେ

ମୁକ୍ତ ହେଲା ଭଳି ଲାଗେ

ଜୀବନରେ ପ୍ରାଣ ସଞ୍ଚରିଯାଏ,

ସେ ଭିତରେ ରକ୍ତରେ ରକ୍ତରେ

ଉନ୍ମାଦନାର ନବ ପଲ୍ଲବିତ

ପତ୍ର କଅଁଳି ଯାଏ ।

ନିଜକୁ ଭଲ ପାଇବାର ଋତୁ

ଆସିଗଲା ବୋଲି ଭଗିରଥୀ !

କାନ ଡେରି ମୁଁ ଜାଣିନିଏ,

ଆଉ ଆକଟ କରି ପାରୁନି ନିଜକୁ

ନିଜ ସହ ରୋମାନ୍ସ ପାଇଁ

ସଂବାଳୁଆ ଯେମିତି ପ୍ରଜାପତି ହୁଏ ।

ଦିବାକରକୁ ମାଗେ

ତର୍ପଣର ସମୟ

ମୁଁ ରକ୍ତିମ ସ୍ୱର୍ଣ୍ଣିମ ଆଭାର ସକାଳ ପାଏ,

ସାଥୀ ସହ କିଛି ବାଟ ଚାଲିବା ପାଇଁ

ଯେବେ କରେ ଇଚ୍ଛା

ଗୋଧୂଳି ଆଣେ ଅର୍ପଣର ସନ୍ଧ୍ୟାଟିଏ ।

ପୂର୍ଣ୍ଣିମୀର ରାତିକୁ ମାଗେ

ଜୋଛନାର ସଫା ତୋଫା ଜହ୍ନ

ନିଜେ ସେ ରୋମାଞ୍ଚିତ ହୁଏ,

ଅମାବାସ୍ୟାକୁ ଗାଢ଼ ଅନ୍ଧାର ମାଗେ

ଯେବେ ନିଜ ଭିତରେ ନିଜେ

ଭଗିରଥୀ ଡୁବିଯାଏ, ଉଲଗ୍ନ ହୁଏ ।

ଗଞ୍ଜାମର କବିତା ଘର, ମାଳସାହି, ଆଙ୍କୁଲି

ବ୍ରହ୍ମପୁର, ଓଡ଼ିଶା

# ମୋ ପ୍ରିୟା



ବିନୟ ମହାପାତ୍ର

ଫୁଲରେ ଫୁଲରେ ଯେତେକ ସୁରଭ ,
ସବୁ ସେଇ ତୁମ ଅଙ୍ଗ ଲତାର
ମହୁଆ ବାସ୍ନା ।
ପବନେ ପବନେ ଯେତେ ଗୁଂଜନର ,
ସବୁ ସେଇ ତୁମ
ଘନ ନଶ୍ୱାସେ,
କେତେ ବଶ୍ୱାସର
କାହାଣୀ କୁହେ ।

ନଗାଡ଼ି ଦେଇଚ,
ଜୀବନର ଯେତେ ନର୍ଯାସ ତୁମ,
ଭରଦେଇ ତୁମେ ପିଆଲା ମୋର ।
ରଣି କରଦେଲ ହୃଦୟ ଗଣୀ ଗୋ,
ଭର ଦେଇଗଲ ଯେତେକ ଶକ୍ତି,
କ୍ଲାନ୍ତ ଡେଣାରେ ମୋର ।

ବେଳ ବାକି ନାହିଁ
ଉଡ଼ିବାକୁ ଅଛି ପଥ ବହୁତ ।
ଢଳ ଯାଏ ଯେବେ କ୍ଲାନ୍ତ ସୂର୍ଯ୍ୟ
ଦୂର ଦଗବଳୟର  ପଣତ ତଳେ ।
ତୁମର ପଣତ ଆଂଚଳ କାନ,
ଢାଙ୍କି ଦଅ ଗୋ

କ୍ଲାନ୍ତ ପଥିକ ଦେହେ ।

ଭୁଲି ଯାଏ ଯେତେ

ସାରା ଦିବସର ମାନ ଅପମାନ

ବେଦନା ବ୍ୟଥା ।

ତୁମର ନରମ ହାତର ପରଶେ

ପଲ୍ଲବ ଯାଏ ଶାଖାରେ ଶାଖାରେ

ରୋମାଂଚର କେତେ

କୁସୁମ ପେନ୍ଥା ।

ନିଃସଙ୍ଗ ଏଇ ଶ୍ରାବଣ ସଂଧ୍ୟା

ମନ ଝୁରେ ତୁମ ପଣତ ଛୁଇଁ,

ତୁମେ କି ଜାଣିଛ ଏ ମନ ବେଦନା

ବ୍ୟାକୁଳ କାହିଁକି ତୁମର ପାଇଁ ।

# ଭସ୍ମାସୁର



ବିନୟ ମହାପାତ୍ର

ତେତ୍ରିଶ କୋଟି ଦେବା ଦେବୀଙ୍କ ପରେ

ଏଠି ସୂର୍ଯ୍ୟଙ୍କୁ ପ୍ରଣାମ କର

ଚନ୍ଦ୍ରଙ୍କୁ ବି ନବ ଗ୍ରହ ଆଉ

ନକ୍ଷତ୍ର ମଣ୍ଡଳୀ

ବ୍ରହ୍ମାଣ୍ଡରେ ଥିବା ସମସ୍ତ

ତାର୍‌ ମାନଙ୍କୁ ବି ।୧ ।

ମୁଣ୍ଡିଆ ମରିରେ ମୁଣ୍ଡରେ

ଚନ୍ଦା ଉଠିଗଲା

ହେଲେ ଉଠିଲାନି

ଦୁଃଖ ମାନଙ୍କର

ଶବ ଶୋଭଯାତ୍ରା ।୨ ।

ଦୁଃଖ ମାନେ ସତେ ଅବା

ମୃତ୍ୟୁଂଜୟୀ ର ବର ପାଇଛନ୍ତି ।

ସଂସାର ବୈତରଣୀ

ପାର କରିବାକୁ

ଦୁଃଖର ଡଙ୍ଗା ଏକମାତ୍ର ଭରଷା ।

ଏଇ ଡଙ୍ଗାଟି ମଣିଷ

ବଡ଼ ଯତନରେ ଗଢ଼େ ।

ସୁଖ ପାଇବାର ଇଚ୍ଛାର

ପଟା ମାନଙ୍କୁ ଆଶାର କଣ୍ଟାରେ ଯୋଡ଼ି

କେତେ ଯତନରେ ତଆର କରେ ।୩ ।

ଆଉ ଜୀବନ ସାରା

ସେଇ ଡଙ୍ଗାରେ ବସି

ସଂସାର ବୈତରଣୀର

ଅଥଳ ପାଣିରେ ନଉକା

ମେଲେଇ ଦଏ ।

ଏ ଡଙ୍ଗାରୁ ଓହ୍ଲେଇବାକୁ

ଚେଷ୍ଟା କରବନ ବଂଧୁ

ଅକାତ କାତ ପାଣି ଏଠି

ଉବୁ ଟୁବୁ ହେବ ସିନା

ଆନ ଡଙ୍ଗା ପାଇବନ ।

ଏ ଡଙ୍ଗାଟି ତୁମ ହାତ ତଆର

ତୁମର ସୃଷ୍ଟି ଭସ୍ମାସୁର ପର

ଅନବରତ ତୁମ ଆଗେ ପଛେ ଥିବ ।

ତୁ ଦୁର୍ବଳ ପଡ଼ିଲେ ତୋତେ

ଜାଳ ପୋଡ଼ି ଦେବ ।

ଏ ଡଙ୍ଗାଟି ସବୁଠାରୁ ଭଲ

ଗୁରୁଜନେ କହଛନ୍ତି

ଯେ ପର୍ଯ୍ୟନ୍ତ ତୁ ଏ ଡଙ୍ଗା ବସିଛୁ

ସିଏ ଏକା ତୋର ମନେ ପଡୁଥିବ ।୪ ।

# ଆଜିର ଉତ୍କଳ



ମୋହନ ଚନ୍ଦ୍ର ବଷୋୟୀ

ଉତ୍କଳ ଉତ୍କୃଷ୍ଟ କଳାର ପ୍ରତୀକ,
ନା କହି ହୁଏ ନା ସହି ହୁଏ
ମରମେ ମରୁଛି ଦୁଃଖ ।

ଆଉ କେତେଦିନ କହି
ଗର୍ବକରିବି ଇତିହାସର କଥା,
ଆଉ କେତେଦିନ ଗର୍ବ
କରିବି ଗାଇ ପୂର୍ବପୁରୁଷଙ୍କ ଗାଥା ।

ବାବୁରେ ଏବେ ସରି ଆସିଲା ତୋ ବେଳ,
ପୂର୍ବ ପୁରୁଷଙ୍କ ଗୁପତ ଧନକୁ
କରିସାରିଲେଣି ଖୋଳ ।

ଯେଉଁଠି ମାଠୁ ପୁଅକୁ ଅଲଗା କରୁଛି
ଗରିବ ସାଜି ବଇରୀ,
ଦାଦନରେ ଯାଉ ଦିନ ସରିଯାଏ
କଲମ ପାରେନା ଧରି ।

ନଇବଢ଼ି ଦୂର୍ଭିକ୍ଷ ମରୁଡ଼ି
ଯାର ଅଟେ ଭାଇ ଭଗାରି,
ସେ କିବା ମୁଣ୍ଡ ଟେକି ପାରିବ,
ବେକାର ବୋଝକୁ ମୁଣ୍ଡେଇ ଧରି ।

ଯେଉଁଠି ଆଜି ବି ପୁରିନି
ମାଉ ମମତା କୋଳ,
ଯେଉଁଠି ଆଜି ବି ଗୁଲିଛି
ଗୃଷୀ ଝାଳକୁ ମୂଲଗୁଲ ।

ଦେଖ କାଲର ଉତ୍କୃଷ୍ଟ ଉତ୍କଳ,
ଆଜ ସାଜଛ କାଙ୍ଗାଳ,
ନୟନର ଜଳ ଉଚ୍ଛୁଳେ ପ୍ରବଳ
ଭ୍‌ବ ଭବଷ୍ୟତ କେତେ ଉଜ୍ୱଳ ।

ପୋସ୍କୋ ଗ୍ଲଲଗଲ୍ ମିତଲ୍ ବ ଗଲ୍
ବାକ ରହଗଲ୍ ଖଣି,
ଖଣିରୁ ଅର୍ଜିତ କଳାଧନ ସବୁ
ସୁଇସ୍ ବ୍ୟାଙ୍କରେ ବାନ୍ଧିଲେ ମୁଣି ।

କଣ ତଥାପି ପାରନା ଜାଣି,
ଏବେ ପାଣି ବ ପିଇଲ କିଣି,
ଏହ କଥାଟିକୁ  ଚନ୍ତାକର ଦେଖ
ଆମେ କପର ହେବା ମଉଡ଼ମଣି ।

ମୁଁ ଓଡ଼ିଆ ମୋ ଦେଶ ବଢ଼ିଆ
କହ ଗର୍ବେ ମାରବା ଫୁଟାଣି ।
ମୁଁ ଓଡ଼ିଆ ମୋ ଦେଶ ବଢ଼ିଆ
କହ ଗର୍ବେ ମାରବା ଫୁଟାଣି ।

ସ୍ଥାନ:ଖରଖରଆ, ଚକଟି, ଗଞ୍ଜାମ୍, ଓଡିଶା
ଦୂରଭାଷ:୦୮୮୯୭୨୧୨୬୦୨
ଇମେଲ୍:mohan.bisoyee@gmail.com

# କର୍ମଫଳ



ମୋହନ ଚନ୍ଦ୍ର ବଷୋୟୀ

କ୍ଷୀପ୍ର ଆଲୋକ ଧାରଟିଏ ଧନୁରୁ ଛୁଟିଯାଇଥିବା ଶର ଭଳି ଝରକା ଫାଙ୍କ ଦେଇ ପ୍ରବେଶକରି ଲଲାଟ ଉପରେ ପଡ଼ିଲା । କ୍ଷଣକରେ ଉଭେଇ ଯାଇଥିଲା ଅସୁମାରି ସ୍ୱପ୍ନଟିଏ । ଲାଗୁଥିଲା ସତେ ଯେପରି ଆଖିପଲକେ ଦୂରେଇଗଲା ହାତମୁଠାରେ ଥିବା ବିଶାଳ ସାମ୍ରାଜ୍ୟଟିଏ । କାଶ୍ମୀର ସୀମାରେ ଗୁଳି ଫୁଟିଲା ପରି ପୂଜାଘରୁ ଛୁଟି ଆସୁଥିଲା ସ୍ତ୍ରୀର ଘଣ୍ଟି ଶବ୍ଦ । କବାଟ ଫାଙ୍କଦେଇ ଧସେଇ ପଶୁଥିଲା ଧୂପକାଠି ଧୂଆଁ । ହଠାତ୍ ଯୁଦ୍ଧତୂରୀଭଳି ବାଜିଉଠିଲା ସେଲଫୋନରୁ ଆଲାର୍ମର ଶବ୍ଦ । ଏଇତ ନିତିଦିନିଆ ଘଟଣା ସିନ୍ଦୁର ଫାଟିବା ମାତ୍ରକେ ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯିବା ଦରକାର । ଜଣେ ଲକ୍ଷ୍ୟହୀନ ସୈନିକକୁ ଯୋର ଜବରଦସ୍ତି ରଣଭୂମିକୁ ଠେଲିଦିଆ ଯାଉଥିବା ଭଳି ମନେ ହେଉଛି । ଜୀବନରେ ଏହିଭଳି ଅଧିକାଂଶ କାମ ବାଧ ବାଧକତାରେ କରିବାକୁ ପଡୁଛି । ଏହି ଯେମିତି ଆଲାର୍ମ ବାଜିବା ମାତ୍ରେ ଅନିଚ୍ଛା ସତ୍ତ୍ୱେ ଶଯ୍ୟା ପରିତ୍ୟାଗ କରିବା, ଗତାନୁଗତଙ୍କ ଆଦେଶ ଭବେ ସମସ୍ତ କାର୍ଯ୍ୟ କରିବା । ଏହି ପରି ଅନେକ କଥା ଭାବୁ ଭାବୁ ୧୦ ମିନିଟ୍ ଅତିବାହିତ ହୋଇଯାଇଥିଲା ତରବରିଆ ଭାବେ ବଂଶୀଧର ବାବୁ ନିତ୍ୟକର୍ମ ସାରି ବାହାରିପଡ଼ିଲେ କର୍ମଭୂମି ଅଭିମୁଖେ । ବାସ୍ତବବାଦୀ ଲୋକଟିଏ ଇଚ୍ଛା ନଥିଲେ ମଧ୍ୟ ସ୍ତ୍ରୀର ମନ ବୁଝାଇବା ପାଇଁ ଠାକୁର ଘର ସାମ୍ନାରେ ନମସ୍କାର ଟିଏ କରିଦେଇଗଲେ ।

ଘନଶ୍ୟାମ ବାବୁ ବଂଶୀଧର ବାବୁଙ୍କ ଘନିଷ୍ଠବନ୍ଧୁ ଓ ସହକର୍ମୀ ମଧ୍ୟ ସବୁଦିନ ପରି ଅଧଘଣ୍ଟା ପୂର୍ବରୁ

ବସଷ୍ଟାଣ୍ଡରେ ଆସି ହାଜର । ଦୁଇଟି ବସ ଛାଡ଼ିଦେଲେଣି କେବଳ ବଂଶୀଧରବାବୁଙ୍କୁ ଅପେକ୍ଷା କରି । ମଥାରେ ୩ ଇଞ୍ଚି ଲମ୍ବା ଚନ୍ଦନ ଚିତା, ଗଳାରେ ଦୁଇ ପରସ୍ତର ତୁଳସୀ କାଠି ମାଳ, ଗୁଣୁଗୁଣୁ ହୋଇ ଶୁଭି ନ ଶୁଭିଲା ପରି ଗାଇଚାଲିଥାନ୍ତି ଗାୟତ୍ରୀ ମନ୍ତ୍ର । ପୂଜାପାର୍ବଣ, ଯାଗ ଯଜ୍ଞରେ ଆଗଧାଡ଼ିରେ ଠିଆ ହେଉଥିବା ଆଧ୍ୟାତ୍ମିକ ଚିନ୍ତାଧାରାର ଲୋକଟିଏ । ସପ୍ତାହରେ ୩ଦିନ ଉପବାସ, ଆମିଷ ଖାଇବା ତ ଦୂରର କଥା ଆମିଷ ବିକ୍ରୀ ହେଉଥିବା ବଜାରକୁ ମଧ୍ୟ ଯାଆନ୍ତି ନାହିଁ । ଭୋର୍ ୪ଟା ରୁ ଉଠି ନିତ୍ୟକର୍ମ ସାରି କେବଳ ପୂଜାପାଠରେ ଦେଢ଼ ଘଣ୍ଟା ବିତାନ୍ତି । କଥା କଥାକେ ସଂସ୍କୃତ ଶ୍ଳୋକ ଓ ପ୍ରତ୍ୟେକ ଚର୍ଚ୍ଚାରେ ପୁରାଣ ଭାଗବତର ଉଦାହରଣ ଦେଉଥାନ୍ତି । କଳହ ବିବାଦ ଠାରୁ ସର୍ବଦା ନିବୃତ୍ତ ରହନ୍ତି ସେ ।

ଦୁଇ ବନ୍ଧୁ ନମସ୍କାର ପ୍ରତିନମସ୍କାର କରିବା ପୂର୍ବରୁ ହଠାତ୍ ବିନାମେଘରେ ଘଡ଼ଘଡ଼ି ମାରିବା ଭଳି ଏକ ଶବ୍ଦ ସମସ୍ତଙ୍କ ହୃଦସ୍ପନ୍ଦନକୁ କିଛିକ୍ଷଣ ଅଟକାଇ ଦେଲା । ଚାହୁଁ ଚାହୁଁ ରୁଣ୍ଡ ହୋଇଗଲେ ଶହ ଶହ ଲୋକ । ବିଶ୍ରାନ୍ତିହୀନ ରାଜରାସ୍ତାଟି କିଛି ସମୟ ପାଇଁ ପାଲଟି ଯାଇଥିଲା ସ୍ଥିର ଚିତ୍ରପଟ୍ଟ । ସମସ୍ତେ ଯାଇ ଅଟକିଗଲେ ଚାରିହାତ ବିଶିଷ୍ଟ ଦୂରତାରେ, ସତେ ଯେମିତି ଅଚାନକ କେହିଜଣେ ଟାଣିଦେଇଗଲା ଲାଲ୍ ରଙ୍ଗର ଲକ୍ଷ୍ମଣ ଗାରଟିଏ । କିଃ ଭୟାନକ ଦୃଶ୍ୟ । ଜଣେ ମଧ୍ୟବୟସ୍କ ଲୋକଟି ରାଜରାସ୍ତାରେ ପଡ଼ି ବିଲବିଲ କରି ଆତୁରଭାବରେ ଦୃଷ୍ଟିରେ ଚାହିଁ ଥାଏ । ମୁହଁରୁ ଭାଷା ବାହାରୁ ନଥାଏ, ଶିବଙ୍କ ମଥାରୁ ଗଙ୍ଗା ଝରିଲା ଭଳି ମସ୍ତକ ତଳୁ ବହିଚାଲିଥାଏ ଶୋଣିତ ନଦୀ ଟିଏ । ବାମ ପାର୍ଶ୍ୱରେ ଆଉ ଗୋଟିଏ ଶରୀର କେବଳ ଲୁଗାଦେଖି ବାରି ହେଉଥାଏ ସ୍ତ୍ରୀ ଲୋକଟିଏ ବୋଲି । ମୁହଁଟି ଭୂମି ସମତୁଲ ହୋଇଯାଇଛି । ଶହ ଶହ ଲୋକ ଥିଲେ ମଧ୍ୟ କେହି ଜଣେ ଏହି ଶୋଣିତ ଲକ୍ଷ୍ମଣରେଖାକୁ ଡେଇଁବାର ସାହାସ କରୁନାହାନ୍ତି । ରାସ୍ତା ପାର୍ଶ୍ୱରେ ଥିବା ସୁନ୍ଦର ସୁନ୍ଦର ଅଟ୍ଟାଳିକା, ସବୁଜିମା ବନାନୀ, ପ୍ରେମୀଯୁଗଳଙ୍କ ହାତ ଛନ୍ଦାଛନ୍ଦି ହୋଇ ଚାଲୁଥିବା ଦୃଶ୍ୟ, ସନ୍ଧ୍ୟା ସମୟର ଚିକ୍ ମିକ୍ କରୁଥିବା ଲାଇଟ୍ ଆଲୁଅରେ କିଛି ସମୟ ବୁଲି ଆସିଲେ ସାରା ଦିନର କ୍ଳାନ୍ତି ଭୁଲାଇ ଦେଉଥିବା ଏହି ରାଜରାସ୍ତାର ପୁଣି ଏ କେଉଁ ରୂପ? ଏହି ବିରଳ ଭୟଙ୍କର ଦୃଶ୍ୟ ସମସ୍ତ ବାଟୋଇଙ୍କୁ ସ୍ତବ୍ଧ କରିଦେଇ ଥିଲା । ଆଖିପିଛୁଳାକେ ଏକ ଲୌହ ଦାନବ ରକ୍ତ ଭୋଜି କରିଦେଇଗଲା ।

ସତରେ କେଡ଼େ ନିଷ୍ଠୁର ଏ ମଣିଷ ଜୀବନ, କେତେ କଠୋର ଏ ମଣିଷ ହୃଦୟ । ଆଖି ସମ୍ମୁଖରେ ଦୁଇ ଦୁଇଟି ପ୍ରାଣ ଚାଲିଯାଉଛି କିନ୍ତୁ କାହାରି ମୁହଁରୁ ସହାୟକ ପ୍ରତିକ୍ରିୟା ମିଳୁନାହିଁ । ଏହା ଛଡ଼ା କେତେ ଲୋକ ନିଜ ନିଜ ସେଲଫୋନ୍ ବାହାର କରି ଫୋଟୋ ଓ ଭିଡ଼ିଓ ସୁଟିଙ୍ଗ୍ କରିବାରେ ବ୍ୟସ୍ତଥିଲା ବେଳେ ଆଉ କେତେଜଣ ଭଦ୍ରଲୋକ ପୋଲିସ୍ ଓ ଆମ୍ବୁଲାନ୍ସ୍ କୁ ଫୋନ୍ କରୁଛନ୍ତି । ସତରେ ଯଦି କାହାରି ଆତ୍ମୀୟଙ୍କର ଏହିପରି ପରିସ୍ଥିତି ହୋଇଥାନ୍ତା କଣ ଏ ମାନଙ୍କର ପ୍ରତିକ୍ରିୟା ଏଇଆ ହୋଇଥାନ୍ତା? ଭଦ୍ର ଲୋକମାନେ ସଭାସମିତି ମାନଙ୍କରେ ଭାଷଣ ମାଧ୍ୟମରେ କହିଥାନ୍ତି, "ସମସ୍ତ ଜୀବ ଭଗବାନଙ୍କ ସନ୍ତାନ, ସମାଜରେ ସମସ୍ତେ ଭାଇଚାରା ନେଇ ବଞ୍ଚିବା ଉଚିତ" । ଆଜି କୁଆଡ଼େ ଗଲେ ସେ ଭଗବାନଙ୍କର ସନ୍ତାନ ମାନେ? କୁଆଡ଼େ ଗଲା ସେ ଭାଇଚାରା? ଭାଗବତ ଚର୍ଚ୍ଚା, ସଂସ୍କୃତ ଶ୍ଳୋକଦ୍ୱାରା ଧର୍ମ

ଅଧର୍ମ, ପାପ ପୂଣ୍ୟର ହିସାବ କରୁଥିବା ଘନଶ୍ୟାମ ବାବୁ ଉଭାନ ହୋଇଗଲେ ଏହି ଦୃଶ୍ୟ ଦେଖି ।

ଗୋଟିଏ ବିଶାଳକାୟ ଟ୍ରକ୍ ଗୋଟିଏ କାର୍ ଉପରେ ଚଢ଼ିଗଲା । ଆଖି ସାମ୍ନାରେ ଦୁଇ ଦୁଇଟି ପ୍ରାଣବାୟୁ ଉଡ଼ିଗଲା ତଥାପି ଶହ ଶହ ଲୋକ ନିରବଦ୍ରଷ୍ଟା ସାଜି ରାସ୍ତାକଡ଼ରେ ଦଣ୍ଡାୟମାନ । ଇତମଧ୍ୟରେ ଗମ୍ଭୀର ସ୍ୱରରେ ଏକ କରୁଣ ଚିତ୍କାର କାର୍ ମଧ୍ୟରୁ ଛୁଟି ଆସିଲା । ବଂଶୀଧର ବାବୁ ସାହାସ ବାନ୍ଧି କାର୍ ନିକଟକୁ ଗଲେ । କାର୍ ଗ୍ଲାସ୍ ଭାଙ୍ଗି ଦେଖିଲେ ୧୪ରୁ ୧୫ ବର୍ଷ ବୟସର ବାଳକଟିଏ । ଗୋଡ଼ ଦୁଇଟି ରୁପି ହୋଇଯାଇଥାଏ ସିଟ୍ ତଳେ । ଖୁବ୍ ଶୀଘ୍ର ପିଲାଟିକୁ ଉଦ୍ଧାର କରି ଆଗ ପଛ ନ ବିଚାରି କ୍ଷୀପ୍ର ବେଗରେ ଦଉଡ଼ିଲେ ମାତ୍ର ୨୦୦ମିଟର ଦୂରରେ ଥିବା ଏକ ଘରୋଇ ଡାକ୍ତରଖାନାକୁ । ଯଦି ଆଉ କିଛି ସମୟ ପୂର୍ବରୁ ଏହିପରି ସାହାସ ବାନ୍ଧିଥାନ୍ତେ ହୁଏତ ଆଉ ଏକ ଜୀବନ ରକ୍ଷା ପାଇ ଯାଇଥାନ୍ତା ।

ଡାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ଡାକ୍ତରମାନେ ଚିକିତ୍ସା କରିବା ପରିବର୍ତ୍ତେ ନାନାବିଧ ପ୍ରଶ୍ନ ପଚାରି ଚାଲିଥାନ୍ତି । ଦୁର୍ଘଟଣା କେମିତି ଘଟିଲା ? କେଉଁଠି ଘଟିଲା ? ପିଲାଟି ସହିତ ତାଙ୍କର ସମ୍ପର୍କ କଣ ? ଏହି ପରି ଅନେକ । ଏଣେ ପିଲାଟି ମୃତ୍ୟୁ ସହିତ ସଂଗ୍ରାମ କରୁଥିବାବେଳେ ଡାକ୍ତରମାନେ ଚିକିତ୍ସା କରିବାକୁ ମନାକରିଦେଲେ । ଏହା ଏକ ପୁଲିସ୍ କେସ୍ ପୁଲିସ୍ ଆସିବା ପରେ ଏହାର ଚିକିତ୍ସା କରାଯିବ । ଯୋଗକୁ ସାଙ୍ଗେ ସାଙ୍ଗେ ପୁଲିସ୍ ଆସି ପହଞ୍ଚିଗଲେ । ଚିକିତ୍ସା ଆରମ୍ଭ ହେଲା । ବଂଶୀଧର ବାବୁ ଦୀର୍ଘନିଶ୍ୱାସଟିଏ ମାରିବା ପୂର୍ବରୁ ପୁଲିସ୍ ତାଙ୍କୁ ଜେରା କରିବାରେ ଲାଗିଲେ । ସତେଯେମିତି ଦୁର୍ଘଟଣାଟି ସେ ନିଜେ ଘଟେଇଛନ୍ତି । ଜଣେ ମଣିଷକୁ ଆଉ ଜଣେ ମଣିଷ ସାହାଯ୍ୟ କରିବା କଣ ଅପରାଧ ? ଗୋଟିଏ ଜୀବନ ବଞ୍ଚାଇଥିବା ଲୋକକୁ ବାଃ ବାଃ କରିବା ପରିବର୍ତ୍ତେ ନାନା ପ୍ରକାର ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିଦିଆ ଯାଉଛି । ତେଣୁ ଆଜକାଲି କେହି କାହାକୁ ସାହାଯ୍ୟ କରିବା ପାଇଁ ଆଗଉ ନାହାନ୍ତି । ସେ ଯା'ହେଉ ପଛେ ଜଣେ ମଣିଷ ହିସାବରେ ନିଜ କର୍ତ୍ତବ୍ୟ କରି ଯଥେଷ୍ଟ ଆତ୍ମ ସନ୍ତୋଷ ଲାଭ କରିଛନ୍ତି ।

ନିୟମିତ ସମୟ ପୂର୍ବରୁ ଘରକୁ ଫେରିବାର ଦେଖି ସ୍ତ୍ରୀ ମିନତୀଙ୍କ ମନରେ ଅନେକ ଭାବନା ଉଙ୍କିମାରୁଥାଏ । ଆଖିରୁ ଅହେତୁକ କ୍ଳାନ୍ତ ବାରି ହେଉଥାଏ । ବାରମ୍ବାର ଅନ୍ୟମନସ୍କ ହେଉଥାନ୍ତି ।  ବେସରକାରୀ ଚାକିରି ହେଲେ ମଧ୍ୟ ଦାମ୍ପତ୍ୟ ଜୀବନ ଖୁବ୍ ଭଲ ଭାବରେ ବିତାଉଛନ୍ତି । ଜୀବନରେ ଆଉ କିଛି ଅଭାବ ନଥିଲେ ମଧ୍ୟ କେବଳ ଗୋଟିଏ ଅଭାବ ୧୨ବର୍ଷ ହେଲା ଛାଇପରି ପିଛା ଛାଡୁନାହିଁ । କେବଳ ଗୋଟେ ସନ୍ତାନ ପାଇବା ପାଇଁ ଆଉ କିଛି ପୂଜା ବ୍ରତ ବାକି ନାହିଁ ମିନତୀଦେବୀଙ୍କର ।

ପୂଜା ପାଠରେ ବିଶ୍ୱାସ ନଥିଲେ ବି ବଂଶୀଧର ବାବୁ କେବଳ ସନ୍ତାନଟିଏ ପାଇବା ଆଶାରେ ପ୍ରତ୍ୟେକ ଜାଗଯଜ୍ଞରେ ଉପସ୍ଥିତ ହୁଅନ୍ତି । ଶ୍ୟାମଘନ ବାବୁ ଗୋଟିଏ ପରେ ଗୋଟିଏ ଆଶା ଦେଖାଇ ବ୍ରତ ମେଳା କରାଇ ଚାଲିଛନ୍ତି । ଆସନ୍ତା କାଲି ସପରିବାର ସହିତ ଜାଗରି ମେଳାକୁ ଯିବା କାର୍ଯ୍ୟକ୍ରମ କରିଛନ୍ତି ଶ୍ୟାମଘନ ବାବୁ ।

ସୂର୍ଯ୍ୟ ଉଦୟ ପୂର୍ବରୁ ପୂଜା ଥାଳି ସଜାଡ଼ି ସବୁ ପ୍ରସ୍ତୁତ କରିସାରିଛନ୍ତି ମିନତି ଦେବୀ । ବଂଶୀଧର ବାବୁଙ୍କ ନିତ୍ୟକର୍ମ ସରିବା ପୂର୍ବରୁ ଶ୍ୟାମଘନ ବାବୁ ପରିବାର ସହ

ଆସି ଦୁଆର ମୁହଁରେ ହାଜର । ଭିକ୍ତ ବିରକ୍ତି ଭାବରେ କହୁଥାନ୍ତି ଯାଆଁଙ୍କପାଇ ସବୁ ଦିନ ସବୁ କ୍ଷେତ୍ରରେ ଅପେକ୍ଷା କରିବା ଏକ ଧରାବନ୍ଧା ନିୟମ ହୋଇଗଲା । ଅଳ୍ପ ସମୟ ଅପେକ୍ଷା ପରେ ଦୁଇ ପରିବାର ମେଳାକୁ ବାହାରି ପଡ଼ିଲେ । ଉତ୍ସବ ମୁଖରିତ ମନ୍ଦିର ପ୍ରାଙ୍ଗଣ, ଆକର୍ଷଣୀୟ ଆଲୋକ ସାଜସଜ୍ଜା, ହୃଦୟସ୍ପର୍ଶୀ ଭଜନ ଗୀତ, ଏବଂ ଭକ୍ତମାନଙ୍କର ଚଳଚଞ୍ଚଳ ମୁଖ, ଏହିପରି ଆଧାତ୍ମିକ ବାତାବରଣ ମଧ୍ୟରେ ବି ରହିଥିଲା ଆଖିରେ ଲୁହ ଟଳମଳ କରିଦେବାଭଳି ଏକ କରୁଣ ଦୃଶ୍ୟ । ଏକ ରୋଗିଣା ଭିନ୍ନକ୍ଷମ ମା କୋଳରେ ଦେଢ଼ ଦୁଇ ବର୍ଷର ଶିଶୁ କନ୍ୟା, ପିଲାଟି ବି ଦେଖିବାକୁ ରୋଗିଣା ବାହାରକୁ ପିଞ୍ଜରାହାଡ଼ ଦେଖାଯାଉଥାଏ । "ବାବୁ କିଛି ଦିଅ ମା କିଛି ଦିଅ" ବୋଲି ସ୍ତ୍ରୀ ଲୋକଟି ସମସ୍ତଙ୍କ ମୁଁହକୁ ଚାହିଁ ମାଗୁଥାନ୍ତି । କିନ୍ତୁ ବାବୁମାନେ, ଭକ୍ତମାନେ ତାଙ୍କୁ ଦେଖି ନ ଦେଖିଲା ପରି ଚାଲିଯାଉଛନ୍ତି । ଅନେକେ ଖୁଚୁରା ନାହିଁ କହି ମିଛ କହି ଚାଲିଯାଉଛନ୍ତି । ଶହ ଶହ ଟଙ୍କା ଖର୍ଚ୍ଚ କରି, ନଡ଼ିଆ, କଦଳୀ, ଘିଅ, ଦୁଧ ଭଳି ଅନେକ ପୂଜାସାମଗ୍ରୀ କିଣୁଥିବା ବେଳେ ଜଣେ ଅସହାୟକୁ ଟଙ୍କାଟିଏ ସାହାଯ୍ୟ କରିବା ପାଇ କୁଣ୍ଠାବୋଧ କରୁଛନ୍ତି । କେଡ଼େ ବିଚିତ୍ର ସତେ ଏ ଦୁନିଆ ପୋଶେ ଦୁଧ ପିଇବା ପାଇଁ ଶିଶୁଟି ଛଟପଟ ହେଉଥିବା ବେଳେ ମହଣ ମହଣ ଦୁଧ ଘିଅ ଢାଳି ଶିବ ଲିଙ୍ଗକୁ ଅଭିଷେକ କରୁଛନ୍ତି । ଅସହାୟ ଭିନ୍ନକ୍ଷମ ମହିଳାକୁ ଟଙ୍କାଟିଏ ଦେବାକୁ କୁଣ୍ଠାବୋଧ କରୁଥିବା ବେଳେ, ସହି ସହି ଟଙ୍କା ପୂଜକଙ୍କୁ ଦକ୍ଷିଣା ଦେଉଛନ୍ତି, ହଜାର ହଜାର ଟଙ୍କା ହୁଣ୍ଡିରେ ପକାଉଛନ୍ତି । ସର୍ବଦା ଧର୍ମ ଚର୍ଚ୍ଚା କରୁଥିବା ଘନଶ୍ୟାମ ବାବୁ ମଧ୍ୟ ମୁହଁ ଆଡ଼େଇ ଚାଲିଗଲେ ।

ଇତିମଧ୍ୟରେ ମନ୍ଦିର ଭିତରେ ପ୍ରବେଶ କରିବା ପୂର୍ବରୁ କେହି ଜଣେ ଚରଣ ସ୍ପର୍ଶକରି ପ୍ରଣାମ କଲା, "ସାର୍ ମୁଁ ରାହୁଲ ଆପଣ ଗତକାଲି ଯାହାର ଜୀବନ ବଞ୍ଚାଇଥିଲେ, ଇଏ ମୋ ଜେଜେ ଦୟାନିଧି ରାଉତ ।"

ଦୟାନିଧି ରାଉତ: ହଁ ବାବୁ ଚେତା ଫେରିବା ପରଠୁ ଆପଣଙ୍କୁ ଦେଖାକରିବା ପାଇ ଏକା ଜିଦ୍ କରୁଛି । ପୁଲିସ୍ ଷ୍ଟେସନରୁ ଆପଣଙ୍କ ଠିକଣା ନେଇ ଘରକୁ ଯାଇଥିଲୁ ଦେଖିଲୁ ତାଲା ପଡ଼ିଛି । ପଡ଼ୋଶୀଙ୍କୁ ପଚାରିଲୁ ସେମାନେ କହିଲେ ମନ୍ଦିରକୁ ଯାଇଛନ୍ତି ବୋଲି, ତେଣୁ ସିଧା ଏଠାକୁ ଆସିଲୁ । ପୁଅ ବୋହୁଙ୍କ ଶବ ସତ୍କାରକୁ ପଛରେ ପକାଇ ଆପଣଙ୍କ ପାଖକୁ ଆସିବାରେ ମଧ୍ୟ ସ୍ୱାର୍ଥ ରହିଛି ।

ବଂଶୀଧର ବାବୁ: କଣ ସ୍ୱାର୍ଥ ?

ଦୟାନିଧି ରାଉତ: ଏହି ଦୁନିଆରେ ଯିଏ ଛଡ଼ା ମୋର, ଆଉ ମୋ ଛଡ଼ା ଏହି ଛୁଆଟିର ଆଉ କେହି ନାହାନ୍ତି । ପିଲାଟି ଦିନରୁ ଭିକ୍ତ ଗେଲ ବସରରେ ବଢ଼ିଛି । ବାପା ମାଁ ବିହୁନେ ବଞ୍ଚିପାରିବ ନାହିଁ । ଦୟାକରି କିଛିଦିନ ପାଇଁ ତା'ର ପାଖେ ରହିଲେ ଭଲ ହୁଅନ୍ତା ।

ଏହା ଶୁଣି ବଂଶୀଧର ବାବୁଙ୍କ ଆନନ୍ଦ କହିଲେ ନସରେ, ଏହା ତ ଆମ ପାଇଁ ବଡ଼ ସୌଭାଗ୍ୟର କଥା, ୧୨ବର୍ଷ ଧରି ଯେଉଁ ନିଃସନ୍ତାନର ଦୁଃଖ ଭୋଗି ଆସୁଥିଲୁ, ବାପା ମା ଡାକ ଆମ ପାଇଁ ସ୍ୱପ୍ନ ହୋଇଯାଇଥିଲା, ସେଇ ସବୁକିଛି ଆଜି ଆମ ଆଖିସାମ୍ନାରେ ଯିଏଠୁ ସୌଭାଗ୍ୟ ଆଉ କଣ ହୋଇ ଥାଇପାରେ । କିଛିଦିନ କାହିଁକି ଆପଣ ଯଦି କହିବେ ଆମେ ସାରା ଜୀବନ ଯିଏଁକୁ ବାପା ମାର ସ୍ନେହ ଦେଇ ରଖିବୁ । ୧୨ବର୍ଷ ଧରି ମୋ ସ୍ତ୍ରୀ କରୁଥିବା ପୂଜା

ବ୍ରତର ଫଳ ଆଜ ମିଳଛି ।

ଦୟାନିଧି ଗଉତ: ନା ଇୟେ ତୁମର କର୍ମଫଳ, ସମସ୍ତେ ମନ୍ଦିର ଭିତରେ ଭଗବାନ ରୂପରେ ଥିବା କାଠ ପଥର ମୂର୍ତ୍ତୀକୁ ପୂଜଲେ ଆପଣ ମଣିଷ ଭିତରେ ଥିବା ଦେବତାଙ୍କୁ ଦେଖିପାରିଛନ୍ତି । ତେଣୁ ଭଗବାନ ଆପଣଙ୍କ ଅଭାବ ତୁରନ୍ତ ପୁରଣ କରିଦେଲେ ।

ଯଦି ଲୋକେ କାଠ ପଥରରେ ଭଗବାନଙ୍କୁ ନ ଖୋଜି ମଣିଷ ଭିତରେ ଖୋଜନ୍ତେ ତେବେ ଦୁନିଆରେ କାହାର କିଛି ଅଭାବ ରହି ନଥାନ୍ତା ।

ସ୍ଥାନ:ଖରଖରିଆ, ଚିକିଟି, ଗଞ୍ଜାମ୍, ଓଡିଶା

ଦୂରଭାଷ:୦୮୮୯୭୨୧୨୬୦୨

ଇମେଲ୍:mohan.bisoyee@gmail.com

# ଭାରତମାତା



ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ସ୍ୱାଧୀନ ଭାରତର ନାଗରିକ ଆମେ
ଉଡ଼ାଉ ତ୍ରିରଙ୍ଗା ପତାକା,
ଗରବ ଗୌରବେ ଫୁଲି ଉଠେ ଛାତି
ଦେଖି ଭାରତର ଏକତା ।

ଯେଉଁ ଦେଶେ ଦିନେ ନଥିଲା ହିଂସା
ଛୁଆଁ ଅଛୁଆଁ କି ଜାତି ପ୍ରଥା
ସେ ଭାରତ ଦେଶେ ଦେଖାଯାଏ ଆଜି
ଲାଞ୍ଚ ଖଚରେ ବୁଡ଼ିଛନ୍ତି ଜନତା ।

କେତେ ବୀରପୁତ୍ରଙ୍କ ଆତ୍ମାହୁତିରେ
ଦେଶ ଫେରିପାଇଥିଲା ସ୍ୱାଧୀନତା
ଆଜି ସେ ମାଟିରେ ଭୋକ ବିକଳରେ
କାନ୍ଦୁଛି ଗରୀବ ଜନତା ।

ଭାରତ ମାତାର ଗୌରବପାଇଁ
ଯେଉଁ ଦେଶେ ହୋଇଥିଲା ଦିନେ ଲଢ଼େଇ
ଆଜି ସେଇ ଦେଶେ ସତ୍ୟ ଓ ନ୍ୟାୟକୁ
ଅନ୍ଧାର ରଖିଛି ଘୋଡ଼େଇ ।

କେବେ ଏ ଭାରତ ଆଲୋକିତ ହେବ
ଅନ୍ଧାର ହୋଇବ ଦୂର
ହଟିବ ଏ ଦେଶୁ ଅନ୍ୟାୟ ଅନୀତି
ଜୟ ହେବ ସତ୍ୟ, ଧର୍ମ ଆଉ ନ୍ୟାୟର ।

ଶରଧାବାଲି, ବ୍ରହ୍ମପୁର-୧୦

# ଧାର୍ ଶ୍ରାବଣ



ଦୀପକ ଷଡ଼ଙ୍ଗୀ

ଶ୍ରାବଣର ପ୍ରଥମ ବର୍ଷା ଦଏ
ନଦାଘ ଉଷ୍ମତାକୁ ଶୀତଳତା
ପ୍ରେମିକ ହୃଦୟରେ ଭରଦଏ
ପ୍ରେମର ଉତ୍ତୁଙ୍ଗ ମାଦକତା ।

ଝିପି ଝିପି ବର୍ଷାରେ ଭିଜ ଭିଜ
ପ୍ରେମ କରବାର ମଜା ନଆର୍
ଚକ୍ ମିକ୍ ବଜୁଳୀର ଆଲୁଅରେ
ପ୍ରେମିକ ମନ ହୁଏ ଆତ୍ମହର୍ ।

ନଛକ ପ୍ରେମର ମୂକସାକ୍ଷୀ
ଏଇଧାର୍ ଶ୍ରାବଣର ବର୍ଷା
ପ୍ରେମ ଲେଡ଼େନାହିଁ ଅର୍ଥ
ଅବା ସ୍ୱାର୍ଥପର ସେବା ଶୁଶ୍ରୁଷା ।

ଶ୍ରାବଣର ବାରଧାର୍ ଯାଏ ଯେବେ
ପ୍ରେମର କୁସୁମକୁ ଚୁମି ଚୁମି
ବର୍ଷାର ଶୀତଳ ସ୍ପର୍ଶ ବହାଏ
ପ୍ରେମିକ ମନରେ ଗ୍ରେର୍ ମୌସୁମୀ ।

ଗାଳ୍ପିକ ହେଉ ଅବା
କବର ସୁମଧୁର ଗୀତକବତା
ବର୍ଷା ଓ ପ୍ରେମରେ ରହଛ
ଏକ ଛନ୍ଦମୟ ବନ୍ଧନତ ।

ଅଧାପକ, ରେଲାଣ୍ଡ ଫାର୍ମାସୀ କଲେଜ
ଖୋଡ଼ାସିଙ୍ଗି, ବ୍ରହ୍ମପୁର - ୧୦

# ମୋ କୁନାର ଝିଅ ହେବ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଛି ! ତୁମକୁ ଲଜ୍ଜା ଲାଗୁନି ? ତୁମ ବାପାମାଆ କଣ ଏଇଆ ଶିକ୍ଷା ଦେଇଥିଲେ ? ସବୁବେଳେ ବଜାରବୁଲା ସାଙ୍ଗସାଥୀ ? ଘର କଥା ବୁଝିବାକୁ ତୁମକୁ କହିବାକୁ ପଡୁଛି ? ତୁମ ଘରେ ମଧ୍ୟ ଏମିତି ହିଁ ହେଉଥିଲା ? ଅଫିସ ସରିଲାଣି ସନ୍ଧ୍ୟା ସାଢ଼େ ପାଞ୍ଚଟାରୁ, ଏତେବେଳ ଯାଏଁ କୋଉଠି ଥିଲ ? କାହା ସହିତ ଥିଲ ? କଣ କରୁଥିଲ ? ତୁମକୁ ବାହାରେ ବୁଲିବା ଦେଖିଲେ ଆମ ସାହିଭାଇ ବନ୍ଧୁବାନ୍ଧବ ମୋ ବାପାମାଆଙ୍କୁ କଣ କହିବେ ? ସେମାନଙ୍କ ଇଜ୍ଜତ ଆଉ ରହିବ ନା ? ଛି ଛି ଛି.... ଯେତେ ବୟସ ବଢ଼ି ଗ୍ଲଲିଛି ତୁମର ମଉଜମସ୍ତି ସେଇମିତି ବଢ଼ି ଗ୍ଲଲିଛି । ବୋଉ ଠିକ୍ କହୁଥିଲା, ତୁମକୁ ଆଗରୁ ଆକଟ କରିଲିନି ବୋଲି ଆଜି ଏଇ ଦୁର୍ଦ୍ଦଶା । ...

କୁହ, କଣ ଏମିତି ମୂର୍ତ୍ତି ଭଳି ଠିଆ ହୋଇଛ ? କାହିଁକି ଆଜି ଏତେ ବିଳମ୍ବ ହେଲା ?

ଭେକିଲା ସିଂହୀ ସାମନାରେ ମଲା ମୂଷା ଭଳି ଠିଆ ହୋଇଥିଲା କୁନା । ଆଜି ଅଫିସରୁ ଫେରୁଥିବା ବେଳେ ପିଲାଦିନ ସାଙ୍ଗ ରଜୁ ସହ ଦେଖା ହୋଇଯାଇଥିଲା । ସେଇଠି କିଛି ସମୟ ସେ ରହିଗଲା ବୋଲି ଏଇ ନାଟହାଟ । ମୁହଁ ଖୋଲିଲେ ଗ୍ଲଡ଼ପତ୍ର ନହେଲେ ଯୌତୁକର ଧମକ ମିଳିବା ସ୍ୱାଭବିକ । କୁନା ବିକଳରେ ଘର ଭିତରକୁ ଗ୍ଲହୁଁଥିଲା । ବାପା ବୋଉ କୋଉଠି ଦେଖାଯାଉନାହାନ୍ତି । ଅନ୍ତତଃ ବୋଉ ଥିଲେ ପରିସ୍ଥିତିଟା ସୁଧାରି ଦିଅନ୍ତା । ସୌଭାଗ୍ୟକୁ ବୋଉ କୋଉଠି ଥିଲା

ଫେରି ଆସିଲା । ବୋଉ ଆଗରେ କୁନା ବାବଦରେ ଅନେକ କଥା କହିଯାଇଥିଲା ସୁଧା । କୁନାବୋଉ କାନକୁ ମୁହଁରେ ଦେଇ ସୁଁ ସୁଁ ହେବାର ଦେଖି ସେ ଘର ଭିତରକୁ ଚାଲିଗଲା । କୁନାବୋଉ କୁନାକୁ ବିକଳ ହୋଇ ଚାହିଁ କହିଲା, 'ବାପରେ କେତେ କଷ୍ଟ କରି ବୋହୁ ଆଣିଥିଲି । ତୁ କାହିଁକି ଘର ଭଙ୍ଗା କାମ ସବୁ କରୁଛୁ ? ସାଢ଼େ ତିନିଲକ୍ଷ ଟଙ୍କା ଯୌତୁକ ଦେଇ ତୋ ବାପା କରଜରେ ମୁଣ୍ଡ ପୋତି ଦେଇଛନ୍ତି । ତୋ ଦରମାର ଅଧା ଚାଲି ଯାଉଛି । ତୁ ଟିକେ ସୁଧୁରି ଯାଆନ୍ତୁ ନି ସବୁ ଅସୁବିଧା ଦୂର ହୋଇଯାଆନ୍ତା । ନହେଲେ ସେ ଘର ଛାଡ଼ି ଚାଲିଯିବ ବୋଲି ଧମକି ଦେଇଦେଲାଣି ।

ମନୋଜ କଥା ମନେ ପଡ଼ିଗଲା କୁନାର । ସେ ପାଞ୍ଚଲକ୍ଷ ଟଙ୍କା ଯୌତୁକ ଦେଇ ସ୍ତ୍ରୀ ଆଣିଥିଲା, ଦିନେ ସେ ସ୍ତ୍ରୀ ଘର ଛାଡ଼ି ଗଲା ଯେ, ପୁଣି ଦି ଲକ୍ଷ ଦେଲେ ହିଁ ଆସିବ ନ ହେଲେ ନାହିଁ ବୋଲି ସେକଠୋକ୍ ଜଣାଇଦେଲା । ବିଚାରି ଏଇ ଚିନ୍ତାରେ ରାସ୍ତାରେ ଯାଉ ଯାଉ ଗାଡ଼ିତଳେ ପଡ଼ୁ ପଡ଼ୁ ବଞ୍ଚିଗଲା ସିନା ହେଲେ ଅଯଥାରେ ଅନେକ ହଇରାଣ ହେଲା ।

ମନେ ମନେ ଭାବୁଥିଲା, ତୁଚ୍ଛାଟାରେ ଏହି ବିପଦ ପାଇଲା । ବାହା ନ ହୋଇଥିଲେ କଣ ଚଳିନଥାନ୍ତା ? ବାପାବୋଉଙ୍କ ଆଗରେ କିଛି କହିପାରିନଥିଲା । ସାଙ୍ଗର ଝିଅ କହି ବୋହୁ ଆଣିଲେ ଯେ ଏବେ ସକାଳୁ ଉଠି ଚା' କରି ନ ଦେଲେ ସେ ଶେଯ ଛାଡୁନି । ଅଗତ୍ୟା କୁନା ମନେ ମନେ ସ୍ଥିର କରିଦେଲା, ଆଉ ଆଗକୁ ଏମିତିକା ଭୁଲ ହେବନାହିଁ । ସେ ଠିକ୍ ସମୟରେ ଘରକୁ ଫେରିବ । ଯାହା ବି ହେଉ ପରିବାରରେ ଶାନ୍ତି ଥାଉ ।

ବାହା ହୋଇ ସାତ ମାସ ବିତିଗଲାଣି । କୁନାବୋଉ ଗୁଣୁଗୁଣୁ ହୋଇ କୁନାକାନରେ ଛୋଟ ନାତିଟିଏ ପାଇଁ ବିରଦ କରିଲା । କୁନାବାପା ଏ ସବୁ ଶୁଣି ରାଗି ଲାଲ ହୋଇ କହିଲା, 'ଯଦି ପୁଅ ଜନ୍ମ ହେବ ତ ଦେଖିବୁ ... !' ଅବସ୍ଥା ଏମିତି ହେଲାଣି ଯେ ପୁଅ କଥା ପଡ଼ିଲେ କୁନାବାପା ପରି ସମସ୍ତେ ଚହିଁକି ଉଠୁଛନ୍ତି । ସମସ୍ତଙ୍କୁ ସତେ ଯେମିତି ଝିଅ ହିଁ ଦରକାର । କୁନାବାପା କହିଲା, ଝିଅଟେ ହେଲେ ତୋ ମୋ ମୁଣ୍ଡରେ ଯେଉଁ କଳନ୍ତରର ବୋଝ ବଢୁଛି କିଛି କମ ହୋଇପାରିବ । ତୁ ଖାଲି ଝିଅଟେ ଜନ୍ମକରେ, ତା ବିବାହ ପାଇଁ ଯେଉଁ ଯୌତୁକ ମିଳିବ ସେଥିରେ ଆମ ଚିନ୍ତା ଦୂର ହୋଇଯିବ । କୁନା କହିଲା, ବାପା ଝିଅ ଜନ୍ମ ହେଉ ହେଉ କଣ ବିବାହ କରିଦେବନି କଣ ? କୁନାବାପା ଦୁଷ୍ଟ ହସଟିଏ ହସି କହିଲା, ହେ ହେ ହେ, ବାହା ନ କଲେ କଣ ହେଲା, ଆଡ଼ଭାନସ ବୁକିଂ କରିଦେଲେ କିଛି ଟଙ୍କା ମିଳିଯିବ ନି ?

ଦିନ ବିତିଚାଲିଲା । ଦିନେ ସକାଳୁ ବସି ଜଳଖିଆ ଖାଉଥିବା ସମୟରେ ସୁଧାର ମୁହଁ ବୁଲେଇ ହେଇ ପଡ଼ିଗଲା । ଏହା ଦେଖି କୁନାବୋଉ ଚିନ୍ତାରେ ପଡ଼ିଯାଉଥିବା ବେଳେ କୁନାବାପା ତୁରନ୍ତ କହିଲା, ଚାଲ ବୋହୁକୁ ଧରି ହସପିଟାଲ୍ ଯିବା । ଡାକ୍ତର ପରୀକ୍ଷା କରି ଜଣେଇ ଦେଲେ ଯେ ସେ ଗର୍ଭବତୀ । କୁନାବାପା ଭାରି ଖୁସି ହୋଇଗଲା । ଖବରଟା ସମୁଦିକୁ ଜଣାଇବା ପରେ ବସନ୍ତ ତୁରନ୍ତ ଆସି ହସପିଟାଲରେ ପହଞ୍ଚିଯାଇ ଝିଅକୁ ଘରକୁ ନେବାକୁ କହିଲା । କୁନାବାପା କହିଲା, ଆରେ ଏବେ

ତ ଆରମ୍ଭ ହୋଇଛି, ଏବେଠୁ କାହିଁକି ନେବ । ପାଞ୍ଚ ଛଅ ମାସ ହେଉ ଘରକୁ ଯିବନି ? ବସନ୍ତ କହିଲା, ନା, ମୋ ଝିଅର ଭଲ ଦେଖାଶୁଣା ଆମ ଘରେ ହେବ । କୁନାବାପା ପ୍ରତିରୋଧ କରିବାର ଯୁ ନଥିଲା । କାନମୁଣ୍ଡ ଆଉଁସି ସେମାନେ ସୁଧାକୁ ତା ବାପଘରକୁ ଛାଡ଼ି ଦେଇଥିଲେ ।

ମାତ୍ର ଚାରିଟା ଦିନରେ ସୁଧା ଘରକୁ ଫେରି ଆସିଲା । ଏମିତି ହଠାତ୍ ଫେରି ଆସିବା କଥା କିନ୍ତୁ କୁନାବାପା ହଜମ କରିପାରିଲାନି, କାରଣ ପୁଚ୍ଛନ୍ତେ, କହିଲା, 'ଭୁବନେଶ୍ୱର ଯାଇ ଗର୍ଭ ପରୀକ୍ଷା ଆଉଥରେ କରିଲି । ଭଲ କରି ଚେକିଂ କରିବାପରେ ଡାକ୍ତର କହିଲେ, ପୁଅ ଅଛି । ତେଣୁ ଗର୍ଭନଷ୍ଟ କରିଦେଇ ଫେରି ଆସିଲି । ଆଉ ଘରେ ରହି କରିବ କଣ ସେଥିପାଇଁ ଚାଲି ଆସିଲି ।'

'ଗର୍ଭ ନଷ୍ଟ କରିଦେଲି ? କାହିଁକି କରିଦେଲି ?' କୁନା କ୍ରୋଧରେ ଚିଲ୍ଲେଇ ଉଠୁଥିଲା ।

ସୁଧା ଚପା ଗଳାରେ କହିଲା, 'ବେଶୀ ଚିଲ୍ଲେଇ ହୁଅନି । ବୁଝିଲ, ଝିଅଟେ ତ ଜନ୍ମ ଦେବାର କ୍ଷମତା ନାହିଁ, ଚିଲ୍ଲେଇ ହଉଛ କେତେ ? ବେଶୀ କହିଲେ ଘରକୁ ପଳେଇବି । ଏବେ ବି ମୋ ପାଇଁ ପ୍ରସ୍ତାବ ଆସୁଛି, ବୁଝିଲ । ମୋ ପାଇଁ ପୁଅଙ୍କ ଅଭାବ ନାହିଁ ।'

କୁନା ବାହୁନି ବାହୁନି କାନ୍ଦି ପକାଇଥିଲା । କୁନାବାପା ବୁଝାଉଥିଲା, 'ହଉ, ଯଦି ସେ ଝିଅ ଚାହୁଁଛି, ଭଲ କଥା ।' କୁନା ବିରକ୍ତ ହୋଇ ନିଜ ରୁମକୁ ଚାଲିଯାଇଥିଲା । ଅନେକଦିନ ପର୍ଯ୍ୟନ୍ତ ସୁଧା ସହ ମୁହଁମୁହିଁ କଥାବାର୍ତ୍ତା ବନ୍ଦ କରିବାପରେ, ପୁଣି ଥରେ ସୁଧା ଗର୍ଭବତୀ ହୋଇଥିଲା । ପୂର୍ବପରି ବସନ୍ତ ଆସି ଝିଅକୁ ସାଙ୍ଗରେ ନେଇ ଚାଲିଗଲା ।

କିଛିଦିନ ପରେ ସୁଧା ଘରକୁ ଫେରି ଆସିବ ବୋଲି ଚିନ୍ତାରେ ଥିବା ବେଳେ କୁନାକୁ ସୁଧା ଫୋନରେ ଜଣେଇ ଦେଇଥିଲା, ଗର୍ଭରେ ଝିଅଟେ ଅଛି । ଏବେ ଆମ ସବୁ ଦୁଃଖ ଦୂର ହୋଇଯିବ ।' କୁନା ହସିବା ନା କାନ୍ଦିବ ଜାଣି ପାରୁନଥିଲା । କୁନାବାପା ଦଉଡ଼ି ଯାଉଥିଲା ମିଠା ଦୋକାନରୁ ମିଠା କିଣି ଆଣି ସାହିରେ ବାଣ୍ଟିବା ପାଇଁ । ଗୁଣୁ ଗୁଣୁ ହୋଇ କହି ହେଉଥିଲା ମୋ କୁନାର ଝିଅ ହେବ । ଆମ କୂଳ ଉଦ୍ଧାର ହେବ ।

ଆଉ ଅର୍ଦ୍ଧ ଶତାବ୍ଦୀ ବେଳକୁ ଦେଶର ଅବସ୍ଥା କିଛି ଏମିତି ହୋଇଥିବ ବୋଲି ଆମେ ପୂର୍ବାନୁମାନ କରୁଛୁ । ଏହା ଏକ କାଳ୍ପନିକ କାହାଣୀ, ଏହାର ସତ୍ୟତା ସହ କୌଣସି ସମ୍ପର୍କ ନାହିଁ ।

ବୀମା ନଗର, ଆମ୍ବପୁଆ

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଆହ୍ୱାନର ଆଗାମୀ ସଂସ୍କରଣ ସେପ୍ଟେମ୍ବର ମାସରେ ପ୍ରକାଶିତ ହେବ ।

ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭିପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ

ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।


ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦


ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।